**ଅପରାଜିତାଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍**

ଭୁବନେଶ୍ୱର,(ବ୍ୟୁରୋ): ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ କରାଯାଇଥିବା ଜଣାପଡ଼ିଛି । ଏହା ପୂର୍ବରୁ ଏମ୍‌ପିଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ହ୍ୟାକ୍ ହୋଇଥିଲା । ଏବେ ଫେସ୍‌ବୁକ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। ଏ ନେଇ ଅପରାଜିତା କଟକ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ମୋହିନୀର ନୃତ୍ୟ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ସାଧାରଣ ବୈଠକ, ଶହୀଦ ଲକ୍ଷ୍ମଣ ନାୟକ ଭବନ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବାୟୋଲୋଜିକାଲ୍ ଡାଇଭର୍ସିଟି ଦିବସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ଏଗ୍ରିକଲ୍‌ଚର୍ ଏକ୍ସଟେନ୍‌ଶନ୍‌ର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ମେୟର ସୁଲୋଚନାଙ୍କ ସମ୍ବର୍ଦ୍ଧନା ସଭା, ନିଗମାନନ୍ଦ ନଗର, ରୋଡ୍ ନଂ.୨, ଅପରାହ୍ନ ୪ଟା।
- ଲେଖାଲେଖି ଦ୍ୱାରା ଆୟୋଜିତ ପରେଶ କୁମାର ପଟ୍ଟନାୟକଙ୍କ ୬ଟି ଶିଶୁ-କିଶୋର ପୁସ୍ତକ ଲୋକାର୍ପଣ, ବୁଦ୍ଧ ମନ୍ଦିର ସଭାଗୃହ, ହାଉସିଂବୋର୍ଡ ଛକ, ୟୁନିଟ୍-୯, ସନ୍ଧ୍ୟା ୬ଟା।
- ଇଦ୍ ମିଲନ୍ ଉତ୍ସବ, ଦୃଷ୍ଟିହୀନ ସଂଘ କଲ୍ୟାଣ ମଣ୍ଡପ, ସତ୍ୟନଗର, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ଚନ୍ଦନଯାତ୍ରା ଉପଲକ୍ଷେ ଫ୍ରି-ସେଲ୍‌ରେ ନାଟକ ପରିବେଷଣ, ବାଲିଅନ୍ତା ହାଟପଡ଼ିଆ, ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ରାଧାମାଧବଙ୍କ ଚାପ କ୍ରୀଡ଼ା, କୁଶଭଦ୍ରା ନଦୀ, ରାତି ୮ଟା।
- ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ଚନ୍ଦନ ମହୋତ୍ସବ ଅବସରରେ ଚାପଖେଳ, ହରିଦାସପୁର, କୁଆଖାଇ ନଦୀ କୂଳ, ରାତି ୮ଟା।
- ଶ୍ରୀ ମଞ୍ଜନାଥ ମହାଦେବଙ୍କ ଚନ୍ଦନଯାତ୍ରା ଅବସରରେ ଚାପଖେଳ, ମଞ୍ଜନାଥ ମନ୍ଦିର ସମ୍ମୁଖ, କୁଆଖାଇ ନଦୀ, ରାତି ୮ଟା।

ଟିଗିରିଆ

- ପ୍ରଭୁ ମଦନମୋହନଙ୍କ ୩ ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ, ନୂଆପାଟଣା, ସନ୍ଧ୍ୟା ୬ଟା।

କଟକ

- ଜାତୀୟ ଆଦିବାସୀ ମେଳାର ତୃତୀୟ ଦିବସ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୪ଟା।
- ଜିଏନ୍‌ଏମ୍ ଫାଉଣ୍ଡେଶନ ପକ୍ଷରୁ ପ୍ରଫେସର ଡା. ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସମ୍ମିଳନୀ ଉଦ୍‌ଘାଟନ, ସାରଳା ଭବନ, ତୁଳସୀପୁର, ସନ୍ଧ୍ୟା ୬ଟା।
- ୭୮ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ, ଭଞ୍ଜମଣ୍ଡପ, ମିଶନ ରୋଡ୍, ସନ୍ଧ୍ୟା ୬ଟା ୩୦।

# ସଡ଼କ ସୁରକ୍ଷା ଚଳଚ୍ଚିତ୍ର ପୁରସ୍କାର ରାଶି ବୃଦ୍ଧି

ଭୁବନେଶ୍ୱର,୨୧।୫(ବ୍ୟୁରୋ)

- ଶ୍ରେଷ୍ଠ ଚଳଚ୍ଚିତ୍ରକୁ ମିଳିବ ୧ଲକ୍ଷ ଟଙ୍କା
- ପ୍ରଥମ ରନର୍ସ ଅପ୍ ୮୦ହଜାର, ଦ୍ୱିତୀୟ ୬୦ହଜାର ଟଙ୍କା

ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବର ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି। ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ପୁରସ୍କାର ରାଶି ୫୦ହଜାରରୁ ୧ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ପ୍ରଥମ ରନର୍ସ ଅପ୍ ୪୦ ହଜାରରୁ ୮୦ ହଜାର ଓ ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ରାଶି ୬୦ ହଜାରକୁ ବୃଦ୍ଧି ହୋଇଛି। ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ, ଶ୍ରେଷ୍ଠ ଅଭିନେତା/ ଅଭିନେତ୍ରୀ ଓ ଶ୍ରେଷ୍ଠ ସିନେମାଟୋଗ୍ରାଫରଙ୍କୁ ପୁରସ୍କାର ରାଶି ବାବଦକୁ ୨୫ହଜାର ଟଙ୍କା ଲେଖାଏ ଦିଆଯିବ। ଶନିବାର ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀ ଏହି ପୁରସ୍କାର ରାଶି ବୃଦ୍ଧି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଜ୍ୟ ତଥା ଦେଶରେ ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁ ହ୍ରାସ କରିବା ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ଏହା ଜୁନ୍ ୧୮ ଓ ୧୯ରେ ରାଉରକେଲା ଓ ୨୪ ଓ ୨୫ରେ ପୁରୀଠାରେ ଅନୁଷ୍ଠିତ ହେବ। ତେବେ ଉତ୍ସାହ ଦେଖି, ଅଧିକ ଆବେଦନ ପାଇଁ ଉତ୍ସାହିତ କରିବାକୁ ଉଭୟ ଓଡ଼ିଆ ଏବଂ ଅଣ ଓଡ଼ିଆ ଭାଷା ବର୍ଗରେ ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ପ୍ରଫେଶନାଲ ଏବଂ ଅଣ ଇଣ୍ଡଷ୍ଟ୍ରି ପ୍ରଫେଶନାଲ ଭାବେ ଦୁଇ ଭାଗରେ ବିଜେତାଙ୍କୁ ଚୟନ କରାଯିବ। ଆବେଦନ କରିବାର ଶେଷ ତାରିଖ ଜୁନ୍ ୩ ରହିଛି। ଚଳଚ୍ଚିତ୍ର ନିର୍ମାତା ଓ ଛାତ୍ରୀଛାତ୍ର ଏହି ଆବେଦନ କରିପାରିବେ। ଚଳଚ୍ଚିତ୍ରଟି ଏକ ଡକ୍ୟୁମେଣ୍ଟାରୀ, ପରୀକ୍ଷାମୂଳକ, କାହାଣୀ, କଳ୍ପନା, ଅଣ କାଳ୍ପନିକ କିମ୍ବା ଆନିମେଶନ ହୋଇପାରେ। ମୂଳ ଚଳଚ୍ଚିତ୍ରଟି ଫୁଲ୍ ଏଚ୍‌ଡି ଫର୍ମାଟ୍ (୧୯୨୦x୧୦୮୦)ରେ କିମ୍ବା ତା'ଠାରୁ ଅଧିକ ହେବା ଉଚିତ। ସର୍ବାଧିକ ୨ ମିନିଟ୍ ଥିବା ଏହି ଚଳଚ୍ଚିତ୍ରରେ ଫ୍ରଣ୍ଟ ଏବଂ ଶେଷ କ୍ରେଡିଟ୍ ଅନ୍ତର୍ଭୁକ୍ତ ରହିବ। ସମସ୍ତ ଏଣ୍ଟ୍ରି ପାଇଁ ଇଂଲିଶରେ ସବ୍ ଟାଇଟଲ୍ ଜରୁରୀ। ଅଂଶଗ୍ରହଣକାରୀମାନେ ଗୁଗଲ ଡ୍ରାଇଭ୍ କିମ୍ବା ସଡ଼କ ସୁରକ୍ଷା- roadsafetyod@gov.in ଏବଂ roadsafetyshortfilms@gmail.comରେ ଆବେଦନ କରିପାରିବେ। ତେବେ ଏ ସଂକ୍ରାନ୍ତ ସମସ୍ତ ବିବରଣୀ htt://odishatransport.gov.in/ରେ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱରଠାରେ ଶନିବାର ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ମଡେଲ୍ ତଥା ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଡାଇନା ପେଣ୍ଟିଙ୍କ ସହ ଡିଜାଇନର ସବ୍ୟସାଚୀ ମିଶ୍ର।

## କଟକରେ ହେବ ମଧୁସୂଦନ ଭବନ

ଭୁବନେଶ୍ୱର, ୨୧।୫(ବ୍ୟୁରୋ)

ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିରେ ସମବାୟ ବିଭାଗ ପକ୍ଷରୁ କଟକରେ ଉତ୍କଳ ଗୌରବ ମଧୁସୂଦନ ଭବନ ନିର୍ମାଣ କରାଯିବ। କଟକ ଜେଲ ରୋଡ୍‌ସ୍ଥିତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଶାଖା କାର୍ଯ୍ୟାଳୟ ପରିସରରେ ଏହା କାର୍ଯ୍ୟ କରିବ। ଏହି ପରିପ୍ରେକ୍ଷୀରେ ଶନିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୨୬ ତାରିଖରେ ସମବାୟ ବିଭାଗ ସଚିବଙ୍କ ନେତୃତ୍ୱରେ ପୂର୍ତ୍ତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, କଟକ ଜିଲା ପ୍ରଶାସନ, କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିକାରୀମାନେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବେ। ଜୁନ୍ ୩ ସୁଦ୍ଧା ରାସ୍ତା ଓ କୋଠାବାଡ଼ି ବିଭାଗ କଟକର ଅଧୀକ୍ଷଣ ଯନ୍ତ୍ରୀ ସାଇଟ୍ ପ୍ଲାନ୍ ପ୍ରସ୍ତୁତ କରିବେ। ଏହାର ୧୫ ଦିନ ମଧ୍ୟରେ ଡିପିଆର୍ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନିମନ୍ତେ ଦାଖଲ କରାଯିବ। ବୈଠକରେ ସମବାୟ ବିଭାଗର ସଚିବ ସଞ୍ଜୀବ କୁମାର ଚଢ଼ା, ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା ସମବାୟ ସମିତି ସମୂହର ନିବନ୍ଧକ ଉଦ୍ଧବ ଚରଣ ମାଝି, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ କ୍ରିଷ୍ଣାଦେବ

ମଙ୍ଗୁଳି,୨୧।୫(ଡି.ଏନ୍.ଏ.)

ବୟସ ସିନା କମ୍, ହେଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ମାତ୍ର ୨ ବର୍ଷ ୧୧ ମାସ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି କ୍ରିଷ୍ଣାଦେବ ସାହୁ। ସେ ଓଡ଼ିଶାର ସମସ୍ତ ଜିଲାର ନାମ, ଓଡ଼ିଆ ବର୍ଣ୍ଣମାଳା, ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନାମ, ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ନାଁ, ୪୦ଟି ଇଂଲିଶ ଶବ୍ଦର ଓଡ଼ିଆ ଅନୁବାଦ, ପଣିକିଆ, ଜାତୀୟ ପତାକା, ବର୍ଷ, ମାସ ଓ ଦିନ, ଜାତୀୟ ଖେଳ, ଜାତୀୟ ପଶୁପକ୍ଷୀ, ଜାତୀୟ ସଙ୍ଗୀତର ନାମ କହିପାରୁଛନ୍ତି। ଏଥିସହ ସେ ଓଡ଼ିଆ କବିତା ଗାନ କରୁଥିବାବେଳେ ସଂସ୍କୃତ ଶ୍ଳୋକ ମଧ୍ୟ ଉଚ୍ଚାରଣ କରିପାରୁଛନ୍ତି। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଆମେରି ଗ୍ରାମରେ ହୋଇଥିବାବେଳେ ସେ ପରିବାର ସହ କଟକ ଜିଲା ଜଗତ୍‌ପୁର ଥାନା ଅଧୀନ ଚମ୍ପତି ପଞ୍ଚାୟତ ଗୋପୀନାଥପୁର ମଠସାହିରେ ରହୁଛନ୍ତି। ତାଙ୍କ ବାପା କୀର୍ତ୍ତିରଞ୍ଜନ ସାହୁ ଅଭାବ କାରଣରୁ ପ୍ରାୟ ୨୧ ବର୍ଷ ହେବ ଗାଁ ଛାଡ଼ି ଆସି ଏଠାରେ ରହୁଛନ୍ତି। ସ୍ଥାନୀୟ ବଜାରରେ ଏକ ସାଇକେଲ ଦୋକାନ କରି ସେ ପରିବାର ପ୍ରତିପୋଷଣ କରୁଛନ୍ତି। କ୍ରିଷ୍ଣାଦେବ ଅନ୍ୟମାନଙ୍କଠାରୁ ଯାହା ଶୁଣନ୍ତି, ତାହାକୁ ସହଜରେ ମନେ ରଖିଦିଅନ୍ତି। ଏହି ପ୍ରତିଭା ଦେଖି ତାଙ୍କ ନାମ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ସ୍ଥାନ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରାଯାଇଥିଲା। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ଗତ ବୁଧବାର କ୍ରିଷ୍ଣାଦେବଙ୍କ ପାଇଁ ପ୍ରମାଣପତ୍ର, ମେଡାଲ, ବହି, ପରିଚୟପତ୍ର, ବ୍ୟାଚ୍, କଲମ ମଠସାହିସ୍ଥିତ ଘରେ ପହଞ୍ଚିଛି। ତାଙ୍କର ଏହି ପ୍ରତିଭା ଲାଗି ବନ୍ଧୁବାନ୍ଧବ, ସାହିପଡ଼ିଶାଙ୍କ ସମେତ ବିଭିନ୍ନଆଡୁ ପ୍ରଶଂସା ମିଳିବାରେ ଲାଗିଛି। ଏ ସମ୍ପର୍କରେ କ୍ରିଷ୍ଣାଦେବଙ୍କ ବାପା କୀର୍ତ୍ତିରଞ୍ଜନ ଓ ମା' ଦୀପାଞ୍ଜଳି କହିଛନ୍ତି, ସରକାରଙ୍କ ପକ୍ଷରୁ ସାହାଯ୍ୟ ସହଯୋଗ ମିଳିଲେ କ୍ରିଷ୍ଣାଦେବଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ସେ ରାଜ୍ୟ ତଥା ଦେଶ ପାଇଁ ଆହୁରି ସୁନାମ ଆଣିପାରିବେ।




# 'ମାନବବାଦୀ ନେତା ଭାବେ ମନେ ରହିବେ'

ଭୁବନେଶ୍ୱର,୨୧।୫(ବ୍ୟୁରୋ)

**ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବ**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୧ତମ ମହାପ୍ରୟାଣ ଦିବସ ଉପଲକ୍ଷେ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲର ମିଳିତ ଆନୁକୂଲ୍ୟରେ ଶନିବାର ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜସ୍ଥାନର ରାଜ୍ୟ ସଭା ସଦସ୍ୟ ନୀରଜ ଡାଙ୍ଗି ଯୋଗ ଦେଇ ଭାରତର ସ୍ୱାଭିମାନ ଓ ଅଖଣ୍ଡତା ପାଇଁ ରାଜୀବ ଗାନ୍ଧୀ ନିଜକୁ ବଳିଦାନ ଦେଇଥିଲେ ବୋଲି କହିଥିଲେ। ଗରିବଙ୍କୁ ଚିହ୍ନଟ ଓ ସେମାନଙ୍କ ନିକଟରେ ଆବଶ୍ୟକ ସେବା ପହଞ୍ଚାଇବା ପାଇଁ ସେ ଯେଉଁ ଉପାୟ ଆପଣେଇ ଥିଲେ ତାହା ସ୍ୱାଗତଯୋଗ୍ୟ। ଜଣେ ମାନବବାଦୀ ନେତା ଭାବେ ସେ ସମଗ୍ର ଦେଶବାସୀଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବେ ବୋଲି ଡାଙ୍ଗି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଖିଳ ଭାରତ କଂଗ୍ରେସ କମିଟିର ରାଷ୍ଟ୍ରୀୟ ପ୍ରବକ୍ତା ପବନ ଖେରା ଯୋଗଦେଇ କହିଛନ୍ତି ଯେ ଦାରିଦ୍ର୍ୟ ଦେଶର ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏହାର ନିରାକରଣ ପାଇଁ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀ ସର୍ବଦା ଚେଷ୍ଟା କରି ଆସୁଥିଲେ। ୧୮ ବର୍ଷରେ ଭୋଟଦାନ ଅଧିକାର ଦେଶକୁ ବିକାଶ ପଥରେ ଆଗେଇ ନେବା ଏବଂ କ୍ଷମତାର ବିକେନ୍ଦ୍ରୀକରଣରେ ତାଙ୍କର ଭୂମିକାକୁ ଇତିହାସ ମନେରଖିବ ବୋଲି ଖେରା ମତବ୍ୟକ୍ତ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ରାଜୀବ ଗାନ୍ଧୀ ବିଶ୍ୱାସ କରୁଥିବା ଶାନ୍ତି, ଅହିଂସା ଓ ସତ୍ୟ ପ୍ରତି ଯୁବପିଢ଼ି ଅନୁପ୍ରାଣିତ ହେଲେ ମେରା ଭାରତ ମହାନ୍ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦକ ଓଡ଼ିଶା ପ୍ରଭାରୀ ଜି.ରୁଦ୍ର ରାଜୁ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପର୍ଯ୍ୟବେକ୍ଷକର ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ଅଖିଳ ଭାରତ କଂଗ୍ରେସ କମିଟିର ନିର୍ବାଚନ ପରିଚାଳନା ସଦସ୍ୟ ଅମିତାଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ରାଜୀବ ଗାନ୍ଧୀ ୧୦୦ବର୍ଷ ପୂର୍ବରୁ ଓ ୧୦୦ ବର୍ଷ ପରର ଭାରତବର୍ଷ ସମ୍ପର୍କରେ ଚିନ୍ତା କରିଥିଲେ, ସ୍ୱପ୍ନ ଦେଖୁଥିଲେ ଏବଂ କାର୍ଯ୍ୟ କରୁଥିଲେ ବୋଲି କହିଥିଲେ। ଏହି ଉତ୍ସବରେ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଅଧ୍ୟକ୍ଷତା କରି ରାଜୀବ ଗାନ୍ଧୀଙ୍କ ଅମ୍ଳାନର ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ସେତିକିବେଳେ ହେବ ଯେତେବେଳେ ଦେଶର ଯୁବପିଢ଼ି ରାଜୀବ ଗାନ୍ଧୀଙ୍କ ନୀତି ଆଦର୍ଶ ଓ ଚିନ୍ତାଧାରାକୁ ଦେଶ ଗଠନ କରିବା ନିମନ୍ତେ ବିନିଯୋଗ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୮୫ଜଣଙ୍କୁ ସମ୍ମାନଜନକ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍କାଉଟ ଓ ଗାଇଡ୍, ଯୁଥ ରେଡ୍‌କ୍ରସ, ସାହିତ୍ୟ, ଓଡ଼ିଶୀ, ସଙ୍ଗୀତ, ଲୋକନୃତ୍ୟ, କ୍ରୀଡ଼ା ଏବଂ ଚିତ୍ରକଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୋଗ୍ୟବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ ରାଜ୍ୟ ସଭା ସଦସ୍ୟ ନୀରଜ ଡାଙ୍ଗି ଓ ଅନ୍ୟମାନେ।

## ପୁରୀରେ ପହଞ୍ଚିଲା ରଥ ଦଉଡ଼ି

**ପୁରୀ ଅଫିସ,୨୧।୫:** ଗତ ଦୁଇବର୍ଷ ପରେ ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ଭକ୍ତଙ୍କ ଗହଣରେ ହେବା ନେଇ ସମ୍ଭାବନା ଦେଖାଦେଇଛି। ଯଦି ରଥଯାତ୍ରା ସମୟରେ ସବୁ ଠିକ୍ ରୁହେ ତେବେ ଭକ୍ତଙ୍କ ଗହଣରେ ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇ ଶ୍ରୀମନ୍ଦିରରୁ ଜନ୍ମବେଦି ଏବଂ ଜନ୍ମବେଦୀରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ତେଣୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଆଗେଇ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଚଳିତବର୍ଷର ରଥଯାତ୍ରା ପାଇଁ ତିନିରଥର ରଥଦଉଡି ଆସି ପୁରୀରେ ପହଞ୍ଚିଛି। ଏକ ଟ୍ରକ ଯୋଗେ ପୁରୀରେ ୧୨ଟି ରଥ ଦଉଡି ଅପରାହ୍ନ ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପରେ ଉକ୍ତ ଦଉଡ଼ିଗୁଡିକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପୁରୀ ଜିଲା ବୀରପ୍ରତାପପୁରରେ ଥିବା ରାଜ୍ୟ ସମବାୟ କତା ନିଗମ ରଥଯାତ୍ରା ପାଇଁ ସମସ୍ତ ରଥ ଦଉଡି ନିର୍ମାଣ କରିଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ରଥ ଦଉଡି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ଦଉଡ଼ି ନିର୍ମାଣ କାର୍ଯ୍ୟରେ ୯ଜଣ କାରିଗର ଏବଂ ୫ଜଣ କର୍ମଚାରୀ ଏହିପରି ୧୪ଜଣ ଦଉଡିଗୁଡିକୁ ପ୍ରସ୍ତୁତ କରିଛନ୍ତି। ଆସିଥିବା ରଥ ଦଉଡିଗୁଡିକର ଲମ୍ବ ୨୨୦ଫୁଟ ହୋଇଥିବା ବେଳେ ଏହାର ଗୋଲେଇ ରହିଛି ୮ଇଞ୍ଚ। ତେବେ ସମସ୍ତ ରଥ ଦଉଡିକୁ ସୁରକ୍ଷିତ ଭାବେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଖାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରକାଶ



@ ଦେବୁ



@ ଜଗତ



@ ଚନ୍ଦ୍ରକାନ୍ତି



@ ବିମଲ



@ ବିଶ୍ୱଜିତ୍

## ସନ୍ଦେହଜନକ ଅବସ୍ଥାରେ ଜେଜେ ମା', ନାତୁଣୀଙ୍କ ମୃତଦେହ ଜବତ

ବାଣପୁର,୨୧।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଶ୍ରୀନିବାସପୁର ଶାସନ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଶାଳିଆ ନଦୀକୁ ଶୌଚ ପାଇଁ ଯାଇଥିବା ଜେଜେମା' କମା ନାୟକ(୬୫) ଓ ନାତୁଣୀ ବେବି(୫)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଛି। ପୋଲିସ ସୂଚନା ମୁତାବକ, ଜେଜେମା' କମା ତାଙ୍କ ନାତୁଣୀ ବେବିଙ୍କୁ ଧରି ଶୌଚ ପାଇଁ ଶାଳିଆ ନଦୀତୁଠକୁ ଯାଇ ଆଉ ଫେରି ନ ଥିଲେ। ସନ୍ଧ୍ୟା ୭ଟାରେ ଗ୍ରାମର କହ୍ନେଇ ମଲ୍ଲିକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ତୁଠରେ ଦୁଇଜଣ ପଥର ଉପରେ ଅଧା ବୁଡ଼ିବା ଅବସ୍ଥାରେ ପଡ଼ିଥିବା ଦେଖି ସନ୍ଦେରେ ସେଠାକୁ ଯାଇଥିଲେ। ତେବେ ସେ ପାଣିରେ ପଶିବା ପରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିବାରୁ ସେ ବାହାରକୁ ପଳାଇ ଆସିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ବାଉଁଶ ସାହାଯ୍ୟରେ ଉଭୟଙ୍କୁ ପାଣିରୁ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ନଦୀରେ ମାତ୍ର ଦେଢ଼ଫୁଟ ପାଣି ଥିଲା। ଏପଟେ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚି ଅନୁସନ୍ଧାନ କରିଥିଲେ ମଧ୍ୟ ପାଣିରେ କିପରି ବିଦ୍ୟୁତ୍ ପ୍ରବାହ ହେଲା ସେନେଇ ସ୍ପଷ୍ଟ କରିନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।



ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରାଜ୍ୟ ସମବାୟ କତା ନିଗମରୁ ରଥ ଦଉଡ଼ି ଶନିବାର ପୁରୀରେ ପହଞ୍ଚିଛି।



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୧ତମ ମହାପ୍ରୟାଣ ଦିବସ ପାଳନ ଅବସରରେ ଶନିବାର ଭୁବନେଶ୍ୱର ରାଜୀବ ଭବନସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ଆତଙ୍କବାଦ ନିରୋଧୀ ଦିବସ ପାଳନ ଅବସରରେ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଛାତ୍ର ସଂସଦ ଡ୍ରାମାଟିକ୍ ସୋସାଇଟି ପକ୍ଷରୁ ଶନିବାର ମେଡିକାଲର ପୁରୁଣା ଆଉଟ୍‌ଡୋର ସମ୍ମୁଖରେ ପରିବେଷିତ ପଥପ୍ରାନ୍ତ ନାଟକ।

# ମାର୍କେଟ ବିଲ୍ଡିଂରେ ରାଜଧାନୀ ପୂଜା ସମିତି ଟ୍ରଷ୍ଟ ବୋର୍ଡର ଚଢ଼ାଉ

**ଭୁବନେଶ୍ୱର, ୨୧।୫ (ବ୍ୟୁରୋ)**



- ୩୨ ଦୋକାନୀଙ୍କ ଉପରେ ସାଢ଼େ ୩ କୋଟି ଭଡ଼ା ବକେୟା
- ୨ ଦୋକାନ ସିଲ୍, ଟଙ୍କା ପଇଠ ପରେ ଖୋଲିଲା
- ଅସନ୍ତୋଷ ପ୍ରକାଶ କଲେ ବ୍ୟବସାୟୀ

ଦେବତ୍ତୋର କମିଶନ ଅଧୀନରେ ରହିଥିବା ରାଜଧାନୀ ପୂଜା ସମିତି ଟ୍ରଷ୍ଟର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ୭୪ଟି ଦୋକାନ ରହିଛି। ତେବେ ୩୨ ଦୋକାନୀ ୨୦୧୭ରୁ ଭଡ଼ା ପଇଠ କରୁନାହାନ୍ତି। ଫଳରେ ସେମାନଙ୍କ ଉପରେ ସାଢ଼େ ୩ କୋଟି ଟଙ୍କା ଭଡ଼ା ବକେୟା ରହିଛି। ବାରମ୍ବାର ନୋଟିସ୍ ଜାରି ସତ୍ତ୍ୱେ ଦୋକାନୀମାନେ ଟଙ୍କା ପଇଠ କରି ନ ଥିଲେ। ଆକାଉଣ୍ଟାଣ୍ଟ ଜେନେରାଲ ଅଡିଟ୍ କରିବା ପରେ ତୁରନ୍ତ ବକେୟା ଅର୍ଥ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଶନିବାର ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଅବନୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଦୋକାନ ଉପରେ ଚଢ଼ାଉ କରି ତୁରନ୍ତ ଟଙ୍କା ପଇଠ ପାଇଁ ସମ୍ପୃକ୍ତ ଦୋକାନୀଙ୍କୁ ତାଗିଦ୍ କରିଥିଲେ। ଏଥିସହ ୨ଟି ଦୋକାନ କଲ୍ୟାଣୀ ଫ୍ୟାଶନ ଓ କ୍ରାଫେଟୋରିୟମ୍‌କୁ ସିଲ୍ କରାଯାଇଥିଲା। ସେଥି ମଧ୍ୟରୁ ଗୋଟିଏ ଦୋକାନର ୨ଲକ୍ଷ ୮୩ହଜାର ଟଙ୍କା ବକେୟା ରହିଥିଲା। ତେବେ ସିଲ୍ ହେବା ପରେ ମାଲିକ ସମ୍ପୂର୍ଣ୍ଣ ଟଙ୍କା ପଇଠ କରିଥିଲେ। ସେହିଭଳି ଅନ୍ୟଏକ ଦୋକାନ ଉପରେ ପ୍ରାୟ ୩ଲକ୍ଷ ଟଙ୍କା ବାକି ଥିବାବେଳେ ମାଲିକ ଅଧା ଟଙ୍କା ପଇଠ କରିଛନ୍ତି। ମାସେ ମଧ୍ୟରେ ବାକି ଟଙ୍କା ଦେବାକୁ ଅଣ୍ଡରଟେକିଂ ଲେଖିଛନ୍ତି। ଏହାପରେ ଉକ୍ତ ୨ ଦୋକାନରୁ ସିଲ୍ ଖୋଲା ଯାଇଥିଲା। ତେବେ ସମିତି ପକ୍ଷରୁ ବର୍ଗଫୁଟକୁ ୩୦ଟଙ୍କା ହିସାବରେ ନୂତନ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଏହାକୁ ନେଇ ଦୋକାନୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୪୩ଜଣ ଦୋକାନୀ ନୂତନ ମୂଲ୍ୟ ନେଇ ଏଗ୍ରିମେଣ୍ଟ କରିବା ସହ ବକେୟା ଅର୍ଥ ପଇଠ କରିଥିବାବେଳେ ୨୦ଜଣ ହାଇକୋର୍ଟରୁ ଷ୍ଟେ ଅର୍ଡର ଆଣିଛନ୍ତି। ତେଣୁ ସେମାନଙ୍କୁ ବାଦ୍ ଦେଇ ବାକି ବକେୟା ଥିବା ସମସ୍ତ ଦୋକାନୀଙ୍କୁ ତାଗିଦ୍ କରାଯାଇଥିଲା। ଆଗକୁ ମଧ୍ୟ ଏପରି ଚଢ଼ାଉ ଜାରି ରହିବ ବୋଲି ସମିତି ଏକ୍‌ଜିକ୍ୟୁଟିଭ ଅଫିସର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଦୋକାନୀଙ୍କଠାରୁ ଆଦାୟ ଅର୍ଥରେ ମନ୍ଦିରର ଉନ୍ନତି କରାଯିବା ସହ ମରାମତି, ନୀତିକାନ୍ତି କରାଯିବ ବୋଲି ଅବନୀକାନ୍ତ କହିଛନ୍ତି। ଅପରପକ୍ଷେ ସମିତି ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ କରୁଥିବା କିଛି ଦୋକାନୀ ଅଭିଯୋଗ କରିଛନ୍ତି। ମାର୍କେଟର ଗୋଟେ ପାଖ ଜିଏ ବିଭାଗ ଅଧୀନରେ ଥିବାବେଳେ ଅନ୍ୟପାର୍ଶ୍ୱ ସମିତିର। ଜିଏ ବିଭାଗ ଘର ତିଆରି କରି ବର୍ଗଫୁଟକୁ ୩୦ ହିସାବରେ ଭଡ଼ା ନେଉଛି। ମାତ୍ର ନିଜ ଟଙ୍କାରେ ଘର ତିଆରି କରି ସମିତିକୁ ସମାନ ଭଡ଼ା କାହିଁକି ଦେବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସମିତିର ସଦସ୍ୟ ତଥା ବ୍ୟବସାୟୀ ଶିଶିର କୁମାର ପଣ୍ଡା କହିଛନ୍ତି, ୧୯୬୦ ମସିହାରେ ଜିଏ ବିଭାଗରୁ ପୂଜା ସମିତି ଏହି ଜାଗା ୯୦ ବର୍ଷ ପାଇଁ ଲିଜ୍‌ରେ ଆଣିଛି। ୧୯୭୪ରେ ଆମ ବାପା, ଜେଜେମାନେ ଏଠାରେ ଆଜ୍‌ବେଷ୍ଟରେ ଦୋକାନ ଘର ତିଆରି କଲେ। ଏହାପରେ ୧୯୮୬ରେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରାଗଲା। ୨୦୧୯ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ସ୍ଥାନ ଦେବୋତ୍ତର ବିଭାଗ ଅଧୀନକୁ ଯାଇଛି। ୨୦୦୨ରୁ ଦୋକାନ ଗୃହ ପାଇଁ ରାଜିନାମା କରାଯିବା ସହ ଭଡ଼ା ଦିଆଗଲା। ଏହାପରଠାରୁ ଭଡ଼ା ଲଗାତର ବଢ଼ା ଯାଉଛି। ମାତ୍ର ଏବେ ସମିତି ପକ୍ଷରୁ ପ୍ରତି ବର୍ଗଫୁଟକୁ ୩୦ଟଙ୍କା ଭାବେ ଭଡ଼ା ନେବା ପାଇଁ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଆମଭଳି କେତେଜଣ ବଡ ବ୍ୟବସାୟୀଙ୍କୁ ବର୍ଷକୁ ୪ରୁ ୫ଲକ୍ଷ ଟଙ୍କା ଭଡ଼ା ଦେବାକୁ ପଡୁଛି। ପୁଣି ସମିତି ପ୍ରତିବର୍ଷ ୧୦ ପ୍ରତିଶତ ଲେଖାଏ ଭଡ଼ା ବଢ଼ାଇବାକୁ କହୁଛନ୍ତି, ଯାହାକି ନାହାତି ପକ୍ଷେ ଅନ୍ୟାୟ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୧୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ

**ବାଲକାଟୀ, ୨୧।୫(ଡି.ଏନ୍.ଏ.):** ଖୋର୍ଦ୍ଧାବାସୀଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶନିବାର ବାଲକାଟିରେ ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ କରିଛନ୍ତି। ଓପିଟିସିଏଲ୍ ଦ୍ୱାରା ପରିଚାଳିତ ଶକ୍ତି ବିଭାଗ ପକ୍ଷରୁ ୧୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସବ୍‌ଷ୍ଟେଶନ୍ ନିର୍ମାଣ ହୋଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଉନ୍ନତ ଜୀବନଶୈଳୀ ଓ ଅର୍ଥନୈତିକ ବିକାଶ ପାଇଁ ବିଦ୍ୟୁତ୍ ଶକ୍ତି ଅପରିହାର୍ଯ୍ୟ। ମୁଖ୍ୟମନ୍ତ୍ରୀ ଏଥିପ୍ରତି ସର୍ବଦା ଗୁରୁତ୍ୱ ଦେଇ ଆର୍ଥିକ ସହାୟତା କରିଆସୁଛନ୍ତି ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ଓପିଟିସିଏଲ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ସେଣ୍ଟ୍ରାଲ ଜୋନ୍ ଭୁବନେଶ୍ୱର ଜୟନ୍ତ ସେନାପତି, ସିଜିଏମ୍ ଏଚ୍‌ଆରଡି ଚନ୍ଦ୍ରଶେଖର ପ୍ରଧାନ, ଜେନେରାଲ୍ ମ୍ୟାନେଜର ପ୍ରଦୀପ କୁମାର ଦାଶ ଏବଂ ଓପିଟିସିଏଲ୍‌ର କର୍ମକର୍ତ୍ତା ଯୋଗଦେଇଥିଲେ। ଏଠାରେ ସବ୍‌ଷ୍ଟେଶନ୍ ସ୍ଥାପନ ଦ୍ୱାରା ପ୍ରତାପ ଶାସନ, ଉତ୍ତରା, ବାଲିଅନ୍ତା ସମେତ କଟକ ଏବଂ ଭୁବନେଶ୍ୱରରେ ଉପଭୋକ୍ତା ନିରବଚ୍ଛିନ୍ନ ଭାବେ ସେବା ପାଇପାରିବେ ବୋଲି ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଏହି ଗ୍ରୀଡ୍ ସବ୍‌ଷ୍ଟେଶନ ପାଇଁ ୨୦୧୫ରେ ୧୪ ଏକର ଜାଗାରେ ଭିତ୍ତିପ୍ରସ୍ତର ହୋଇଥିଲା।

### ଏକାଠି ବଢୁଛନ୍ତି ବାଘ, ସିଂହ ଶାବକ

**ବାରଙ୍ଗ,୨୧।୫(ଡି.ଏନ୍.ଏ.):** ଲାଳନପାଳନ କେନ୍ଦ୍ରର ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ଏକାଠି ବଢୁଛନ୍ତି ବାଘ ଏବଂ ସିଂହ। ବାଘୁଣୀ ରୂପା ଓ ସିଂହୀ ବିଜ୍ଲିର ୨ ଶାବକ ଜଣେ ଅସ୍ଥାୟୀ କର୍ମଚାରୀ ପ୍ରଶାନ୍ତ ଗୌଡଙ୍କ ଦାୟିତ୍ୱରେ ରହିଛନ୍ତି। ସିଂହ ଶାବକକୁ ୨ମାସ ହୋଇଥିବାବେଳେ ବାଘ ଶାବକକୁ ୨ମାସ ୧୦ଦିନ ହୋଇଛି। ଦୁହିଁଙ୍କ ମଧ୍ୟରୁ ବାଘ ଛୁଆଟି ଅଧିକ ଦୁଷ୍ଟ ହେଉଥିଲେ ମଧ୍ୟ ପ୍ରଶାନ୍ତଙ୍କ କଥା ମାନି ଦୁହେଁ ପାଖକୁ ଆସୁଛନ୍ତି। ସନ୍ଧ୍ୟା ସମୟରେ ସେମାନଙ୍କୁ କେନ୍ଦ୍ର ସାମ୍ନା ଲନ୍‌କୁ କିଛି ସମୟ ପାଇଁ ଅଣାଯାଉଥିବା ଜଣାପଡିଛି। ବାଘୁଣୀ ରୂପା ମାର୍ଚ୍ଚ ୧୧ରେ ୩ଟି ଶାବକ ଜନ୍ମ ଦେଇଥିଲା। କିନ୍ତୁ ମା' ଶାବକଙ୍କୁ ଗ୍ରହଣ ନ କରିବାରୁ ସେମାନଙ୍କୁ ଲାଳନପାଳନ କେନ୍ଦ୍ରରେ ଛଡାଯାଇଥିଲା। ସେଥି ମଧ୍ୟରୁ ୨ଟି ଶାବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ସିଂହୀ ବିଜ୍ଲି ଜନ୍ମ ଦେଇଥିବା ଛୁଆକୁ ଗ୍ରହଣ ନ କରିବାରୁ ଛୁଆଟି ଦୁର୍ବଳ ହୋଇ ପଡିଥିଲା। ପରେ ତାକୁ ଲାଳନପାଳନ କେନ୍ଦ୍ରକୁ ଅଣାଯାଇଥିଲା।

### ଚୋରି କରି ୨ ଗିରଫ: ମୋବାଇଲ୍, ବାଇକ୍ ଜବତ

**ବାରଙ୍ଗ,୨୧।୫(ଡି.ଏନ୍.ଏ.):** ଏକ ଚୋରି ଘଟଣାରେ ବାରଙ୍ଗ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚନ୍ଦନ ବେହେରା ଓ ଅକନ ଓରଫ ଆକାଶ ସାମଲ। ସେମାନଙ୍କଠାରୁ ୬ଟି ମୋବାଇଲ୍, ୨ଟି ବାଇକ୍, ୧୫୦୦ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ବାରଙ୍ଗ ଥାନା ଅର୍ନ୍ତଗତ କୁହ୍ନେଇପଡା ଗାଁର ଓକିଲ ସୁଧୀର କୁମାର ପାତ୍ରଙ୍କ ଘରୁ ଗତ ଫେବୃୟାରୀ ୨୩ତାରିଖରେ ୧୫ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ସେ ତା' ପର ଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ (କେସ୍ ନଂ. ୪୦/୨୨)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ରାସ୍ତା ଖାଲଖମାକୁ ପୋତିଲେ ଅଟୋ ଚାଳକ

**ବାଲିଅନ୍ତା,୨୧।୫(ଡି.ଏନ୍.ଏ.):** ରାସ୍ତାରେ ଥିବା ବଡ ଖାଲଖମାରେ ସ୍ଥାନୀୟ ଅଞ୍ଚଳର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଶନିବାର ଅଟୋ ଚାଳକ ରାଜେନ୍ଦ୍ର ବେହେରା ୨ ବସ୍ତା ସିମେଣ୍ଟ ଆଣି ଖାଲ ବନ୍ଦ କରିଛନ୍ତି। ସୂଚନା ମୁତାବକ, ହଂସପାଳ-ବନମାଳ ରାସ୍ତାର ସାଇଫନ ଛକ ନିକଟରେ ସୃଷ୍ଟି ହୋଇଥିବା ଖାଲଖମା ଯୋଗୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହି ରାସ୍ତା କେନାଲ ପୋଲ ସହ ସଂଲଗ୍ନ ଥିବାରୁ ସେଠାରେ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଲୋକଙ୍କ ଗାଡିର ଚକା ପଶିଯାଉଥିବାରୁ ଦୁର୍ଘଟଣାରେ ମଧ୍ୟ ପଡୁଥିଲେ। ସ୍କୁଲ ଯିବାବେଳେ ପିଲାମାନେ ଖାଲରେ ପଡି ଖଣ୍ଡିଆ ଖାବରା ହେଉଥିଲେ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାବେଳେ ଜଣେ ଅଟୋ ଚାଳକ ରାସ୍ତାର ଏହି ଖାଲଖମାକୁ ପୋତିଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି।

## ରାଜ୍ୟରେ ଅଧିକ କ୍ରିୟାଶୀଳ ହେବ ଏନ୍‌ଏସ୍‌ଏସ୍

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)କୁ ଅଧିକ କ୍ରିୟାଶୀଳ କରାଯିବ। ଚଳିତ ଶିକ୍ଷା ବର୍ଷରେ ରାଜ୍ୟର ୧ ଲକ୍ଷ ୧୫ ହଜାର ୫୦୦ ସ୍ୱେଚ୍ଛାସେବୀଙ୍କୁ ମହାବିଦ୍ୟାଳୟଗୁଡ଼ିକୁ ତମାଖୁମୁକ୍ତ, ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍‌ରେ ପରିଣତ କରିବା ସହିତ ବ୍ୟାପକ ରକ୍ତଦାନ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ। ଏଥିସହ ବୃକ୍ଷରୋପଣ ଓ ଜନସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି। ଶନିବାର ପୁସ୍ତକ ଭବନଠାରେ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଏନ୍‌ଏସ୍‌ଏସ୍ ଉପଦେଷ୍ଟା ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ଏଣିକି ପ୍ରତି ଏନ୍‌ଏସ୍‌ଏସ୍ ୟୁନିଟ୍‌ର ସ୍ୱେଚ୍ଛାସେବୀ ସଂଖ୍ୟା ୫୦ରୁ ୧୦୦କୁ ବୃଦ୍ଧି କରାଯିବ। ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଏନ୍‌ଏସ୍‌ଏସ୍‌କୁ ଆହୁରି ସକ୍ରିୟ କରାଯିବ। ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଆୟୋଜନ ସହିତ ସ୍ୱେଚ୍ଛାସେବୀଙ୍କୁ ଆନ୍ତଃରାଜ୍ୟ ଭ୍ରମଣ ପାଇଁ ସୁଯୋଗ ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ସତ୍ୟରଞ୍ଜନ ସାହୁ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ସଂଯୋଜକ ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ନିରଦ ବରଣ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ।

## ଆତଙ୍କବାଦ ନିରୋଧୀ ଶପଥପାଠ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶନିବାର ଆତଙ୍କବାଦ ନିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗ ନିର୍ଦ୍ଦେଶାଳୟରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆତଙ୍କବାଦ ବିରୋଧରେ ଶପଥପାଠ କରାଇଥିଲେ। ଅହିଂସା ଓ ସହନଶୀଳତା ପରମ୍ପରାରେ ବିଶ୍ୱାସ ରଖୁଥିବା ଭାରତବାସୀ, ସବୁ ପ୍ରକାର ଆତଙ୍କବାଦ ଓ ହିଂସାକୁ ଦୃଢ଼ ଭାବରେ ବିରୋଧ କରିବା ସହ ଶାନ୍ତି ବଜାୟ ରଖି ପରସ୍ପର ମଧ୍ୟରେ ଐକ୍ୟ ଓ ବୁଝାମଣା ସହକାରେ ମାନବୀୟ ମୂଲ୍ୟବୋଧରେ ବାଧକ ସାଜୁଥିବା ସମସ୍ତ ବିଚ୍ଛିନ୍ନତାବାଦୀ ଶକ୍ତି ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ଜାରି ରଖିବାକୁ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ମାନସରଞ୍ଜନ ଖୁଣ୍ଟିଆ, ଉପ ନିର୍ଦ୍ଦେଶକ ଡ. ଜ୍ୟୋତିର୍ମୟୀ ସାମନ୍ତରାୟ, ସ୍ମିତା କର, ବିଶ୍ୱଜିତ୍ ଦାଶ ଏବଂ ଉପଶାସନ ସଚିବ ମନ୍ମଥ ପ୍ରକାଶ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଶାଖାର ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥପାଠ କରିଥିଲେ। ସହକାରୀ ନିର୍ଦ୍ଦେଶିକା (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆତଙ୍କବାଦ ନିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ସୁନୀଲ ବଂଶଲ ଯୋଗଦେଇ ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ହେଡ୍‌କ୍ୱାର୍ଟର) ଏସ୍. ଦେବଦତ୍ତ ସିଂ, ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପଙ୍କଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ନିର୍ଦ୍ଦେଶାଳୟରେ ଆତଙ୍କବାଦ ନିରୋଧୀ ଦିବସ ପାଳନ ଅବସରରେ ଅଧିକାରୀ ଏବଂ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

## ବିହାରରୁ ଗିରଫ ୨ୟ ଅଭିଯୁକ୍ତ ଜେଲ ଗଲେ

**ମେଡିକାଲ କଲେଜରେ ନାମଲେଖା ନାଁରେ ୩୨ଲକ୍ଷ ଠକେଇ ଘଟଣା**

- ୨ ଦିନିଆ ରିମାଣ୍ଡ ପାଇଁ ଆବେଦନ

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ଓଡ଼ିଶା, ବିହାର, କର୍ଣ୍ଣାଟକ, କୋଲ୍‌କାତା, ମହାରାଷ୍ଟ୍ର ଭଳି ରାଜ୍ୟରେ ମେଡିକାଲ୍ କଲେଜରେ ନାମ ଲେଖାଇଦେବା ବାହାନାରେ ଛାତ୍ରୀଛାତ୍ରଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଆଉ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ବିହାରର ଦାନପୁର ରେଲ୍‌ୱେ ଷ୍ଟେଶନରୁ ଗତ ୧୮ତାରିଖରେ ଅଭିମନ୍ୟୁ କୁମାର ସିଂ (୩୯)ଙ୍କୁ ଗିରଫ ପରେ ଟ୍ରାନ୍‌ଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଙ୍କୁ ୨ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିଛି। ଅପରପକ୍ଷରେ ଗତ ୧୭ତାରିଖରେ ଏହି ଘଟଣାରେ ପଶ୍ଚିମବଙ୍ଗର ସୁଗତ୍ ଚୌଧୁରୀ ଓରଫ ଅମିତ ବାନାର୍ଜୀ (୪୪)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସୁଗତ୍‌ଙ୍କ ୩ଦିନିଆ ରିମାଣ୍ଡ ଶନିବାର ଶେଷ ହେବା ପରେ ତାଙ୍କୁ ମଧ୍ୟ ଶନିବାର କୋର୍ଟରେ ହାଜର କରାଯାଇଛି। ଉଭୟଙ୍କଠାରୁ ୧୦ଲକ୍ଷ ୨୯ ହଜାର ୫୦୦ ଟଙ୍କା, ୯ଟି ମୋବାଇଲ ଫୋନ, ୨ଟି ଲାପ୍‌ଟପ୍ ଜବତ କରାଯାଇଛି। ସୂଚନାନୁଯାୟୀ ଅଭିଯୁକ୍ତଦ୍ୱୟ ପଶ୍ଚିମବଙ୍ଗର ଜଣେ ଯୁବତୀଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲ କଲେଜର ସ୍ତ୍ରୀ ବିଭାଗରେ ଥିବା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ତାଙ୍କଠାରୁ ପର୍ଯ୍ୟାୟକ୍ରମେ ୩୨ ଲକ୍ଷ ଟଙ୍କା ଠକି ନେଇ ଯାଇଥିଲେ। କିନ୍ତୁ କଲେଜରେ ଆଡ୍‌ମିଶନ କରାଇ ନ ଥିଲେ। ଦିନ ପରେ ଦିନ ଗଡ଼ିବାରୁ ଯୁବତୀଙ୍କର ସନ୍ଦେହ ହୋଇଥିଲା। ଫଳରେ ତାଙ୍କ ଟଙ୍କା ଫେରାଇବାକୁ ଅଭିଯୁକ୍ତଦ୍ୱୟଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସମ୍ଭବ ହୋଇପାରି ନ ଥିଲା। ଯୁବତୀ ଜଣଙ୍କ ଠକେଇର ଶିକାର ହୋଇଥିବା ଜାଣି ଗତ ୫ତାରିଖରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ।

## ହିନ୍ଦୀ ଭାଷା ସାହିତ୍ୟକୁ ରାଧାକାନ୍ତ ମିଶ୍ରଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ହିନ୍ଦୀ ଭାଷା ସାହିତ୍ୟର ପ୍ରତିଷ୍ଠାତା ତଥା ସଂସ୍କୃତ, ଇଂଲିଶ, ପାଲି, ପ୍ରାକୃତ, ଅପଭ୍ରଂଶ ଏବଂ ଓଡ଼ିଆ ଭାଷାର ପ୍ରଫେସର ରାଧାକାନ୍ତ ମିଶ୍ରଙ୍କ କୃତିତ୍ୱ ସଦା ସ୍ମରଣୀୟ। ବିଶେଷକରି ହିନ୍ଦୀ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ରାଧାକାନ୍ତ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ଶନିବାର ସୂଚନା ଭବନରେ ଆୟୋଜିତ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ ନ୍ୟାୟ ଓ ଦିବ୍ୟାଙ୍ଗ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉଦ୍‌ଘାଟକ ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ମୁଖ୍ୟବକ୍ତା ନିତ୍ୟନୂତନର ସମ୍ପାଦକ ପଣ୍ଡିତ ପ୍ରବୋଧ ମିଶ୍ର ଓ ସମ୍ମାନିତ ବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାସଚନ୍ଦ୍ର ଦାଶ ଯୋଗଦେଇଥିଲେ। ଉତ୍ସବରେ ସ୍ୱର୍ଗତ ମିଶ୍ର ଏବଂ ଡ. ସ୍ନେହଲତା ଦାସଙ୍କ ତୁଳନାତ୍ମକ ସାହିତ୍ୟ ପୁସ୍ତକ ଓ ସଂସଦର ସ୍ମରଣିକା ରାଧାକାନ୍ତ ମିଶ୍ର ସ୍ମୃତି ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ପ୍ରଫେସର ସ୍ୱର୍ଣପ୍ରିୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସଂସଦର ସମ୍ପାଦିକା ଡ.ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଅମୂଲ୍ୟରତ୍ନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଅଧ୍ୟାପିକା ବିଷ୍ଣୁପ୍ରିୟା ଭୁକ୍ତା ଧନ୍ୟବାଦ ଦେଇଥିଲେ।

## ଟେଲିକମ୍ କମ୍ପାନୀର ଆଉ ୩ କର୍ମଚାରୀ ଗିରଫ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

**ସାଇବର ଠକଙ୍କୁ ପ୍ରି-ଆକ୍ଟିଭେଟେଡ୍ ସିମ୍ ଯୋଗାଣ ମାମଲା**

ସାଇବର ଠକଙ୍କୁ ବିଭିନ୍ନ କମ୍ପାନୀ ସିମ୍‌କୁ ପ୍ରି-ଆକ୍ଟିଭେଟ୍ କରି ଯୋଗାଣ ମାମଲାରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ଢେଙ୍କାନାଳରୁ ଅପରେଟ ହେଉଥିବା ଏହି ର୍ୟାକେଟ୍‌ର ପୂର୍ବରୁ ୬ଜଣ ଗିରଫ ହୋଇଥିବାବେଳେ ଏବେ ଆଉ ୩ଜଣ ଧରାପଡିଛନ୍ତି। ସେମାନେ ହେଲେ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଭୋଡାଫୋନ-ଆଇଡିଆ ସେଲ୍‌ସ ମ୍ୟାନେଜର ନୟାଗଡର ପ୍ରକାଶ ଚନ୍ଦ୍ର ସାହୁ (୩୪), ଖୋର୍ଦ୍ଧା ଜିଲା ଟାଙ୍ଗୀରେ କାର୍ଯ୍ୟ କରୁଥିବା କେନ୍ଦ୍ରାପଡାର ଶାନ୍ତନୁ କୁମାର ସାହୁ ଓ ଯାଜପୁରରେ କାର୍ଯ୍ୟ କରୁଥିବା ସେଲସ ମ୍ୟାନେଜର ଉମାକାନ୍ତ ସାହୁ। ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ସିମ୍ ଆକ୍ଟିଭେଟ୍ କରି ଏହାର ତଥ୍ୟ ମାଷ୍ଟରମାଇଣ୍ଡ ଦୁଷ୍ମନ୍ତ କୁମାର ସାହୁଙ୍କୁ ପଠାଇବା ଅଭିଯୋଗରେ ଏମାନଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ପୂର୍ବରୁ ଦୁଷ୍ମନ୍ତଙ୍କ ସହ ମୋବାଇଲ ଦୋକାନୀ ସାଇ ପ୍ରକାଶ, କର୍ମଚାରୀ ଅବିନାଶ କୁମାର, ସହଯୋଗୀ ତଥା ଏୟାରଟେଲ୍ କମ୍ପାନୀର ପୂର୍ବତନ ଷ୍ଟୋର୍ ବୟ ଜ୍ଞାନରଞ୍ଜନ ସାହୁ, ଗଜପତି ଜିଲା ପାରଳାଖେମୁଣ୍ଡିର ଏୟାରଟେଲର ଟେରିଟୋରିଆଲ ସେଲ୍ସ ମ୍ୟାନେଜର ଦୀପକ କୁମାର ନାୟକ ଗିରଫ ହୋଇଥିବାବେଳେ ଏବେ ଟେଲିକମ୍ କମ୍ପାନୀ ଭୋଡାଫୋନ୍-ଆଇଡିଆର ୩ କର୍ମଚାରୀ ଗିରଫ ହେବା ପରେ ଏହି ସଂଖ୍ୟା ୯ରେ ପହଞ୍ଚିଛି।

## 'ସ୍ୱାମୀର ଅଧିକାର ଦେଇନାହାନ୍ତି ବର୍ଷା'

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ଅଦାଲତରେ ବିଚାରାଧୀନ ରହିଥିବାବେଳେ ଅନୁଭବଙ୍କ ଗୋଟିଏ ପରେ ଗୋଟିଏ ଭିଡିଓ ସୋସିଆଲ ମିଡିଆରେ ଏବେ ଚର୍ଚ୍ଚା ସୃଷ୍ଟି କରିଛି। ପ୍ରଥମ ଭିଡିଓ ଜାରିର ୩ ଦିନ ପରେ ଶନିବାର ଆଉ ଏକ ଭିଡିଓ ଜାରି କରିଛନ୍ତି। ପ୍ରଥମ ଭିଡିଓରେ ସେ ବର୍ଷାଙ୍କ ନାଁ ନ ନେଇ ଜୀବନ ସାଥୀ ବାଛିବାରେ ସବୁଠୁ ବଡ଼ ଭୁଲ କରିଥିବା ପ୍ରକାଶ କରିଥିବା ବେଳେ ଏବେ ବର୍ଷା ମୋତେ କେବେ ସ୍ୱାମୀ ହେବାର ଅଧିକାର ଦେଇ ନାହାନ୍ତି। ମୁଁ ତାଙ୍କୁ ଯେତିକି ଭଲପାଇଥିଲି, ସେ ମୋତେ ସେତିକି ପରିମାଣରେ ଭଲ ପାଉ ନ ଥିଲେ। ବାହାଘର ପରଠାରୁ ମାନସିକ ଓ ଶାରୀରିକସ୍ତରରେ ସେ ମୋତେ ସ୍ୱାମୀ ଭାବେ କେବେ ଗ୍ରହଣ କରି ନାହାନ୍ତି। ବାହଘରର ପ୍ରଥମ ୨/୩ ମାସ ବର୍ଷା ସମୟ ନେବାକୁ କହି ୬ ବର୍ଷ ବିତି ଯାଇଥିଲେ ହେଁ ଆମ ଭିତରେ ସ୍ୱାମୀ ସ୍ତ୍ରୀର ସମ୍ପର୍କ ରହି ନ ଥିଲା। ଶେଷରେ ମୁଁ ବାଧ୍ୟ ହୋଇ ପ୍ରଥମେ ପିଟିଶନ ଦିଲ୍ଲୀରେ ଦାଖଲ କରିଥିଲି। ଦୁଃଖର ବିଷୟ , କୌଣସି ଗଣମାଧ୍ୟମ ମୋ କଥା କିମ୍ବା କୌଣସି ପ୍ରକୃତ ସତ ଜାଣିବାକୁ ଚାହିଁଲେନି। ମୋତେ ମିଛ ଓ ବର୍ଷାଙ୍କୁ ସତ ବୋଲି ମାନିନେଲେ ବୋଲି ଅନୁଭବ କହୁଥିବା ଭିଡିଓ ଏବେ ଦେଖିବାକୁ ମିଳିଛି।

## 'ଲକ୍ଷ୍ୟ ପୂରଣ ପାଇଁ ଛାତ୍ରୀଛାତ୍ର ସ୍ୱପ୍ନ ଦେଖନ୍ତୁ'



**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ବିଶ୍ୱବିଦ୍ୟାଳୟର ଆଲୁମ୍ନି କନେକ୍ଟ ପକ୍ଷରୁ ଶନିବାର ଏକାଦଶତମ 'ମିଟ୍ ଦି ଆଲୁମ୍ନି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣୀବିହାରର ୧୯୬୯ ବ୍ୟାଚ୍ ଛାତ୍ର, ବିଶିଷ୍ଟ ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଅତିଥି ଭାବେ ଯୋଗଦେଇ କହିଛନ୍ତି, ପଢ଼ିବା ବେଳେ ମୁଁ ବାଣୀବିହାରକୁ ସ୍ୱପ୍ନ ବିହାର କହୁଥିଲି। କାରଣ ବାଣୀବିହାର ସମସ୍ତଙ୍କୁ ସ୍ୱପ୍ନ ଦେଖାଉଥିଲା ଏବଂ ସ୍ୱପ୍ନ ପୂରଣ କରୁଥିଲା। ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ସ୍ଥିର କରନ୍ତୁ। ଲକ୍ଷ୍ୟ ପୂରଣ ପାଇଁ ସ୍ୱପ୍ନ ଦେଖନ୍ତୁ। ପୁରାତନ ଛାତ୍ରସଂଘ ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ଦୁର୍ଗାଶଙ୍କର ପଟ୍ଟନାୟକ, ପୁରାତନ ଛାତ୍ରସଂଘ ସମ୍ପାଦକ ପ୍ରଫେସର ଡ. ଅଶୋକ ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ପ୍ରଦୀପ କୁମାର ରଥ ଓ ପ୍ରଫେସର ଡ. କୁଞ୍ଜବିହାରୀ ପଣ୍ଡା ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉବେଳେ ପୋଲିସଙ୍କୁ ଆକ୍ରମଣ

**ବାଲିପାଟଣା,୨୧।୫(ଡି.ଏନ୍.ଏ.)**



ମୁତୟନ ହୋଇଥିବା ପୋଲିସ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

- ଭୟରେ ଗାଡ଼ି ଛାଡ଼ି ପଳାଇଲେ
- ୨୪ କୋର୍ଟଚାଲାଣ

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ କୃଷ୍ଣପୁର ମେଳଣ ପଡ଼ିଆରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଚଢ଼ାଉ ବେଳେ ଆକ୍ରମଣର ଶିକାର ହୋଇଛି। ଲୋକଙ୍କ ସଂଘବଦ୍ଧ ଆକ୍ରମଣରେ ଭୟଭୀତ ହୋଇ ପୋଲିସ କର୍ମଚାରୀ ଗାଡ଼ି ଛାଡି ପଳାଇଥିଲେ। ଖବର ପାଇ ବାଲିପାଟଣା ପୋଲିସ ପହଞ୍ଚି ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଗାଡ଼ିଗୁଡ଼ିକୁ ଉଦ୍ଧାର କରିଛି। ଏହି ଘଟଣାରେ ଶନିବାର ପୋଲିସ କୃଷ୍ଣପୁର ଗାଁରେ ଚଢ଼ାଉ କରି ୨୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଥାଉ କି, ଶୁକ୍ରବାର କୃଷ୍ଣପୁର ଗାଁ ମେଳଣ ପଡିଆରେ ଦ୍ୱିତୀୟ ରାତି ଯାତ୍ରା ହେଉଥିଲା। ସେଠାରେ ଜୁଆଖେଳ ହେଉଥିବା ସୂଚନା ପାଇ ରାତି ପ୍ରାୟ ୨ଟା ୩୦ରେ ସାଦା ପୋଷାକରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପହଞ୍ଚିଥିଲା। ଏହାପରେ ଜୁଆଖେଳ ପାଖରେ ଏକାଠି ହୋଇଥିବା ଲୋକଙ୍କୁ ଲାଠିରେ ପିଟିଥିଲା। କେତେଜଣ ଜୁଆ ଖେଳାଳିଙ୍କୁ ଧରି ଗାଡ଼ିରେ ବସାଇଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ଉତ୍କ୍ଷିପ୍ତ ହୋଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପରେ ପୋଲିସ କର୍ମଚାରୀ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରାଇଥିଲେ। ମାତ୍ର ଲୋକେ ଖାତିର ନ କରି ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଫଳରେ ପୋଲିସ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ପଳାଇ ଆସିଥିଲା। ଆକ୍ରମଣରେ ୬ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଶନିବାର କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପଲ, ଜୋନ୍-୪ ଏସିପି ପରେଶ କୁମାର ରାଉତ ଏବଂ ବାଲିଅନ୍ତା, ଧଉଳି, ପାହାଳ, ଏୟାରଫିଲ୍ଡ, ଲକ୍ଷ୍ମୀସାଗର ଆଦି ଥାନାର ଆଇଆଇସି ୨ ପ୍ଲାଟୁନ ଫୋର୍ସ ସହ ବାଲିପାଟଣା ଥାନା ସହାୟତାରେ କୃଷ୍ଣପୁର ଗ୍ରାମରେ ଚଢ଼ାଉ କରି ୨୪ ଜଣଙ୍କୁ ଉଠାଇ ନେଇଥିଲେ। ପରେ ପୋଲିସ ଏକ ମାମଲା (ନଂ.୧୩୧/୨୨) ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିବା ସହ ଅଧିକ ତଦନ୍ତ ଚଳାଇଛି।

# ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ପୋଲିସକୁ ପିଟିଲେ

■ ଭୟରେ ଗାଡ଼ି ଛାଡ଼ି ପଳାଇଲେ
■ ୨୪ କୋର୍ଟ ଚାଲାଣ

**ବାଲିପାଟଣା,୨୧।୫(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ କୃଷ୍ଣପୁର ମେଳଣ ପଡ଼ିଆରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଚଢ଼ାଉ ବେଳେ ଆକ୍ରମଣର ଶିକାର ହୋଇଛି। ଲୋକଙ୍କ ସଂଘବଦ୍ଧ ଆକ୍ରମଣରେ ଭୟଭୀତ ହୋଇ ପୋଲିସ କର୍ମଚାରୀ ଗାଡ଼ି ଛାଡି ପଳାଇଥିଲେ। ଖବର ପାଇ ବାଲିପାଟଣା ପୋଲିସ ପହଞ୍ଚି ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଗାଡ଼ିଗୁଡ଼ିକୁ ଉଦ୍ଧାର କରିଛି। ଏହି ଘଟଣାରେ ଶନିବାର ପୋଲିସ କୃଷ୍ଣପୁର ଗାଁରେ ଚଢ଼ାଉ କରି ୨୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାଥାଉ କି, ଶୁକ୍ରବାର କୃଷ୍ଣପୁର ଗାଁ ମେଳଣ ପଡିଆରେ ଦ୍ୱିତୀୟ ରାତି ଯାତ୍ରା ହେଉଥିଲା। ସେଠାରେ ଜୁଆଖେଳ ହେଉଥିବା ସୂଚନା ପାଇ ରାତି ପ୍ରାୟ ୨ଟା ୩୦ରେ ସାଦା ପୋଷାକରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପହଞ୍ଚିଥିଲା। ଏହାପରେ ଜୁଆଖେଳ ପାଖରେ ଏକାଠି ହୋଇଥିବା ଲୋକଙ୍କୁ ଲାଠିରେ ପିଟିଥିଲା। କେତେଜଣ ଜୁଆ ଖେଳାଳିଙ୍କୁ ଧରି ଗାଡ଼ିରେ ବସାଇଥିଲା। ଏହି ସମୟରେ ସ୍ଥାନୀୟ ଲୋକେ


ଗ୍ରାମରେ ପୋଲିସ ମୁତୟନ କରାଯାଇଛି।

ଉତ୍କ୍ଷିପ୍ତ ହୋଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପରେ ପୋଲିସ କର୍ମଚାରୀ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରାଇଥିଲେ। ମାତ୍ର ଲୋକେ ଖାତିର ନ କରି ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଫଳରେ ପୋଲିସ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ପଳାଇ ଆସିଥିଲା। ଆକ୍ରମଣରେ ୬ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଶନିବାର କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପଲ, ଜୋନ୍-୪ ଏସିପି ପରେଶ କୁମାର ରାଉତ ଏବଂ ବାଲିଅନ୍ତା, ଧଉଳି, ପାହାଳ, ଏୟାରଫିଲ୍ଡ, ଲକ୍ଷ୍ମୀସାଗର ଆଦି ଥାନାର ଆଇଆଇସି ୨ ପ୍ଲାଟୁନ ଫୋର୍ସ ସହ ବାଲିପାଟଣା ଥାନା ସହାୟତାରେ କୃଷ୍ଣପୁର ଗ୍ରାମରେ ଚଢ଼ାଉ କରି ୨୪ ଜଣଙ୍କୁ ଉଠାଇ ନେଇଥିଲେ। ପରେ ପୋଲିସ ଏକ ମାମଲା (ନଂ.୧୩୧/୨୨) ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିବା ସହ ଅଧିକ ତଦନ୍ତ ଚଳାଇଛି।

## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

**ବାଣପୁର,୨୧।୫(ଡି.ଏନ୍.ଏ.)**

ବାଣପୁର ଥାନା ଗୋଡ଼ିଝର ଗ୍ରାମରେ ମନ୍ଦିର ମରାମତି ପାଇଁ ଗ୍ରାମସଭା ଚାଲିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ଯୁବକଙ୍କ ସଂଘବଦ୍ଧ ଆକ୍ରମଣରେ ବିଜୟ ବରାଳ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଶନିବାର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଶୁକ୍ରବାର ମଧ୍ୟାହ୍ନରେ ଝରିଆଟାଙ୍ଗୀ ଗୋଡ଼ିଝର ଗ୍ରାମ ମଣ୍ଡପରେ ମନ୍ଦିର ମରାମତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ କୌଣସି କାରଣକୁ ନେଇ ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ବିଜୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ତେବେ ଆକ୍ରମଣର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବାଇକ୍ ଲୁଟେରାଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

**ନିରାକାରପୁର,୨୧।୫(ଡି.ଏନ୍.ଏ.):** ଶୁକ୍ରବାର ରାତିରେ ଜଣେ ବାଇକ୍ ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଲୁଟେରାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ଜଙ୍କିଆ ଥାନା ଅନ୍ତର୍ଗତ ରମ୍ଭାବିଲି ଗ୍ରାମ ନିକଟ ନୂଆ ଜଗନ୍ନାଥ ସଡ଼କ ପାର୍ଶ୍ୱରେ ରହୁଥିବା ଆଲୋକ ମଙ୍ଗରାଜ ବାଇକ୍‌କୁ ଦୋକାନ ଆଗରେ ତାଲା ପକାଇ ରଖିଥିଲେ। ବିଳମ୍ବିତ ରାତିରେ ଲୁଟେରା ଜଣଙ୍କ ଏହାର ତାଲା ଭାଙ୍ଗି ବାଇକ୍ ନେଇ ପଳାଉଥିବା ବେଳେ କେତେଜଣ ବ୍ୟକ୍ତି ଦେଖି ପିଛା କରିଥିଲେ। ପରେ ଲୁଟେରା ଜଣଙ୍କ ବାଇକ୍ ଛାଡ଼ି ପଳାଇଥିଲେ। ପରେ କୌଶଳକ୍ରମେ ଗ୍ରାମବସୀ ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

### ଜହ୍ନିକୁଦାରେ ଚନ୍ଦନଯାତ୍ରା

**କୃଷ୍ଣପ୍ରସାଦ,୨୧।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ଗ୍ରାମବାସୀଙ୍କ ପକ୍ଷରୁ ୭୦ତମ ଚନ୍ଦନଯାତ୍ରା ମହୋତ୍ସବ ଗତ ୧୯ ତାରିଖରୁ ଆରମ୍ଭ ହୋଇଛି। ମୁଖ୍ୟ ପୀଠାଧୀଶ ରାଧାକାନ୍ତ ଦେବଙ୍କ ସହ ନବନିର୍ମିତ ବିଗ୍ରହ ବାଲୁଙ୍କେଶ୍ୱର ଦେବ ପୂଜା ମଣ୍ଡପରେ ବିରାଜମାନ କରିଛନ୍ତି। ଏହି ଅବସରରେ ସକାଳ ଓ ସନ୍ଧ୍ୟାରେ ବିଗ୍ରହମାନଙ୍କୁ ନେଇ ଚାପଖେଳ ହେଉଛି। ପ୍ରବକ୍ତା ଅଧାପକ ପ୍ରଦୀପ ଜେନା, ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ପ୍ରଶାନ୍ତ ପଲେଇ ପ୍ରମୁଖ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ସନ୍ଧ୍ୟାରେ ସମରକଳା ପାଇକ ଆଖଡ଼ା ମାଷ୍ଟର ପ୍ରଫୁଲ୍ଲ ଜେନାଙ୍କ ନେତୃତ୍ୱ ଏବଂ ଗ୍ରାମ ମହାବୀର ପାଇକ ସଂଘ ସହଯୋଗରେ ଏହା ଆୟୋଜନ କରାଯାଇଛି। ବ୍ଲକର ବିଭିନ୍ନ ସ୍ଥାନରୁ ୧୦ ପାଇକ ଆଖଡା ଦଳ ଯୋଗଦେଇଛନ୍ତି। ଆତସବାଜି ସହ ରାତିରେ ରାମ ନାଟକ ପରିବେଷଣ କରାଯାଉଛି। ଜହ୍ନିକୁଦା ଗ୍ରାମ୍ୟ କମିଟି ସ୍ଥାୟୀ ସଭାପତି ରାଜକିଶୋର ପଲେଇ, ସମ୍ପାଦକ ଗଣେଶ ତରେଇଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ଚାଲିଥିବା ବେଳେ ଆସନ୍ତା ୨୩ ତାରିଖରେ ଶେଷ ହେବ ବୋଲି ଜଣାପଡ଼ିଛି।

### ଟେଲିକମ୍ କମ୍ପାନୀର ଆଉ ୩ କର୍ମଚାରୀ ଗିରଫ

**ଭୁବନେଶ୍ୱର,୨୧।୫(ବ୍ୟୁରୋ):** ସାଇବର ଠକଙ୍କୁ ବିଭିନ୍ନ କମ୍ପାନୀ ସିମ୍‌କୁ ପ୍ରି-ଆକ୍ଟିଭେଟ୍ କରି ଯୋଗାଣ ମାମଲାରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ଢେଙ୍କାନାଳରୁ ଅପରେଟ ହେଉଥିବା ଏହି ର୍ୟାକେଟ୍‌ର ପୂର୍ବରୁ ୬ଜଣ ଗିରଫ ହୋଇଥିବାବେଳେ ଏବେ ଆଉ ୩ଜଣ ଧରାପଡିଛନ୍ତି। ସେମାନେ ହେଲେ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଭୋଡାଫୋନ-ଆଇଡିଆ ସେଲ୍ସ ମ୍ୟାନେଜର ନୟାଗଡର ପ୍ରକାଶ ଚନ୍ଦ୍ର ସାହୁ (୩୪), ଖୋର୍ଦ୍ଧା ଜିଲା ଟାଙ୍ଗୀରେ କାର୍ଯ୍ୟ କରୁଥିବା କେନ୍ଦ୍ରାପଡାର ଶାନ୍ତନୁ କୁମାର ସାହୁ ଓ ଯାଜପୁରରେ କାର୍ଯ୍ୟ କରୁଥିବା ସେଲସ ମ୍ୟାନେଜର ଉମାକାନ୍ତ ସାହୁ। ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ସିମ୍ ଆକ୍ଟିଭେଟ୍ କରି ଏହାର ତଥ୍ୟ ମାଷ୍ଟରମାଇଣ୍ଡ ଦୁଷ୍ମନ୍ତ କୁମାର ସାହୁଙ୍କୁ ପଠାଇବା ଅଭିଯୋଗରେ ଏମାନଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ପୂର୍ବରୁ ଦୁଷ୍ମନ୍ତଙ୍କ ସହ ମୋବାଇଲ ଦୋକାନୀ ସାଇ ପ୍ରକାଶ, କର୍ମଚାରୀ ଅବିନାଶ କୁମାର, ସହଯୋଗୀ ତଥା ଏୟାରଟେଲ୍ କମ୍ପାନୀର ପୂର୍ବତନ ଷ୍ଟୋର୍ ବୟ ଜ୍ଞାନରଞ୍ଜନ ସାହୁ, ଗଜପତି ଜିଲା ପାରଳାଖେମୁଣ୍ଡିର ଏୟାରଟେଲର ଟେରିଟୋରିଆଲ ସେଲ୍ସ ମ୍ୟାନେଜର ଦୀପକ କୁମାର ନାୟକ ଗିରଫ ହୋଇଥିବାବେଳେ ଏବେ ଟେଲିକମ୍ କମ୍ପାନୀ ଭୋଡାଫୋନ୍-ଆଇଡିଆର ୩ କର୍ମଚାରୀ ଗିରଫ ହେବା ପରେ ଏହି ସଂଖ୍ୟା ୯ରେ ପହଞ୍ଚିଛି।

### ଶହୀଦ ଯବାନଙ୍କ ସ୍ମୃତିସଭା

**ନିରାକାରପୁର,୨୧।୫(ଡି.ଏନ୍.ଏ.):** ଶହୀଦ ଯବାନ ଜୟ ପ୍ରକାଶ ମହାପାତ୍ରଙ୍କ ଏକାଦଶାହ ଅବସରରେ ଶନିବାର ଲେଣ୍ଡୋ ପଞ୍ଚାୟତ ଅରାଞ୍ଚଳ ଗ୍ରାମରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ ପୌରୋହିତ୍ୟ କରିଥିଲେ। ଟାଙ୍ଗୀ ବ୍ଲକ ଅଧକ୍ଷା ରିମ୍ପା ମାନ୍ଧାତା, ଉପାଧକ୍ଷ ଦୁର୍ଗାନାଥ ଶର୍ମା, ପ୍ରଫୁଲ୍ଲ ଚନ୍ଦ୍ର ଜେନା, ସରପଞ୍ଚ ବିନୋଦିନୀ ଦାଶ, ସମିତି ସଭ୍ୟ ବିକାଶ ନାୟକ, ରାଜକିଶୋର ଦାସ, ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ, ବିଜୟ କୁମାର ପାଲ୍‌ଟାସିଂହ, ଲକ୍ଷ୍ମୀଧର ଆଚାର୍ଯ୍ୟ, ପ୍ରତାପ ଦାଶ, ବୀରେନ୍ ଛୋଟରାୟ, ବିଭୂତି ଭୂଷଣ ମହାପାତ୍ର, ଶରତ ଚନ୍ଦ୍ର ବଳିୟାରସିଂହ, ଆର୍ତ୍ତତ୍ରାଣ ସାହୁ, ତପନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶହୀଦ ଯବାନଙ୍କ ପରିବାର ପକ୍ଷରୁ କମଳ ଲୋଚନ ଓ ଅରକ୍ଷିତ ଦଳେଇଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା।

# ପ୍ରଥମ ଦିନରେ ୩୪ ଶିକ୍ଷକ ଅନୁପସ୍ଥିତ

**ମାଟ୍ରିକ୍ ଖାତ୍ୟା ମୂଲ୍ୟାଙ୍କନ ଆରମ୍ଭ**
■ ଡିଇଓଙ୍କ କାରଣଦର୍ଶାଅ ନୋଟିସ, ୨ ଦିନରେ ରଖିବେ ମତ

**ଖୋର୍ଦ୍ଧା ଅଫିସ,୨୧।୫**

ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ଶନିବାରଠାରୁ ଆରମ୍ଭ ହୋଇଛି। ରାଜ୍ୟର ୫୮ଟି କେନ୍ଦ୍ରରେ ଖାତାଦେଖା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲାର ଖୋର୍ଦ୍ଧାରେ ଗୋଟିଏ ଏବଂ ଭୁବନେଶ୍ୱରଠାରେ ୨ଟି ମୋଟ୍ ୩ଟି କେନ୍ଦ୍ରରେ ଖାତାଦେଖା ଆରମ୍ଭ ହୋଇଛି। ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ଖାତାଦେଖା ପ୍ରକ୍ରିୟା ଚାଲିବ। ଶନିବାର ପୂର୍ବାହ୍ନ ୧୦ଟା ସୁଦ୍ଧା ପରୀକ୍ଷକମାନେ ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚିଥିଲେ। ତେବେ ଖୋର୍ଦ୍ଧା ଜିଲାରେ ପ୍ରଥମ ଦିନରେ ୩୪ଜଣ ଶିକ୍ଷକ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଏନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ସମସ୍ତ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ମୂଲ୍ୟାୟନ କେନ୍ଦ୍ରରେ କାହିଁକି ଅନୁପସ୍ଥିତ ରହିଲେ, ନୋଟିସ ଜାରି ହେବାର ୨ଦିନ ମଧ୍ୟରେ ସ୍ପଷ୍ଟୀକରଣ ନ ରଖିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ସମ୍ପୃକ୍ତ ଶିକ୍ଷକଙ୍କ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଦରମା ବନ୍ଦ କରିବା ଲାଗି ସେମାନଙ୍କ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଡିଇଓ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଖାତା ମୂଲ୍ୟାଙ୍କନ ଲାଗି ଡିଇଓ ଗତ ୧୮ ତାରିଖରେ ୧୧୦ ଜଣ ଶିକ୍ଷକଙ୍କୁ ନୋଟିସ କରିଥିଲେ। ତେବେ ପ୍ରଥମ ଦିନରେ ଏତେସଂଖ୍ୟକ ଶିକ୍ଷକଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟିଛି। ଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁ ମୂଲ୍ୟାଙ୍କନରେ ବାଧା ସୃଷ୍ଟି ହେବ ବୋଲି ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଶିକ୍ଷକମାନେ ଅନୁପସ୍ଥିତ ରହିବାର କାରଣ କ'ଣ ତାହା ରିପୋର୍ଟ ଦାଖଲ ପରେ ଜଣାପଡ଼ିବ ବୋଲି ଜଣେ ଜିଲାସ୍ତରୀୟ ଅଧିକାରୀ ସୂଚନା ଦେଇଛନ୍ତି।


ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମରେ ଅନୁଷ୍ଠିତ ଭାଗବତ ପ୍ରତିଯୋଗିତାରେ ସିଲ୍ଡ ସହ ଚାମ୍ପିୟନ ଟିମ୍।

# ଭାଗବତ ପ୍ରତିଯୋଗିତା: ବାଘୁଆପଲ୍ଲୀ ଚାମ୍ପିୟନ

**ବୋଲଗଡ଼,୨୧।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମରେ ୩ ଦିନ ଧରି ଚାଲିଥିବା ଭାଗବତ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୟାଗଡ଼ ଜିଲା ଭାପୁର ବ୍ଲକର ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ଚାମ୍ପିୟନ ହୋଇଛି। ପ୍ରଥମ ରାତିରେ ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ଓ ଫତେଗଡ଼ ଗ୍ରାମ ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ଦ୍ୱିତୀୟ ରାତ୍ର ପ୍ରତିଯୋଗିତା ବୋଲଗଡ଼ ବ୍ଲକ ଖଉରୁଣୀ ଭାଗବତ ମଣ୍ଡଳୀ ଓ ଭାପୁର ବ୍ଲକ ମହୁଲିଆ ଭାଗବତ ମଣ୍ଡଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ରାତିରେ ମହୁଲିଆ ଓ ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ବାଘୁଆପଲ୍ଲୀ ୬୪ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଥିବା ବେଳେ ମହୁଲିଆ ୫୯ ପଏଣ୍ଟ ପାଇଥିଲା। ଆୟୋଜକଙ୍କ ପକ୍ଷରୁ ଚାମ୍ପିୟନ ଦଳକୁ ସିଲ୍ଡ ଏବଂ ଉପବିଜେତା ଦଳକୁ କପ୍ ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ଯଦୁମଣି ବିଶ୍ୱାଳ, ଦାଶରଥି ପଟ୍ଟନାୟକ, ସୁରେନ୍ଦ୍ର ମହାରଣା ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଅଧାପକ ଗାନ୍ଧୀ କୁମାର ସାହୁ, ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ବାଙ୍କୋଇ ପଞ୍ଚାୟତ ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଶିକ୍ଷକ ପଦ୍ମନାଭ ଖଟେଇ ଏହି ପ୍ରତିଯୋଗିତାକୁ ସଂଯୋଜନା କରିଥିବା ବେଳେ ସାଧୁଚରଣ ବିଶ୍ୱାଳ ପରିଚାଳନା କରିଥିଲେ।

## ରେଳଧାରଣାରୁ ମୃତଦେହ ଜବତ

**ଜଟଣୀ,୨୧।୫(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ (ଜଟଣୀ) ରେଲ୍‌ୱେ ପୋଲିସ ଶନିବାର ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତେବେ ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ଶନିବାର ସକାଳେ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ମାଷ୍ଟର ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଖୋର୍ଦ୍ଧାରୋଡ୍ ଏବଂ ରେତଙ୍ଗ ରେଳଷ୍ଟେଶନ ମଧ୍ୟରେ ରେଳଧାରଣାରେ ପଡ଼ିଥିବା ନେଇ ସୂଚନା ପାଇଥିଲେ। ଖୋର୍ଦ୍ଧାରୋଡ୍ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୨)ରୁଜୁ ହୋଇଛି ବୋଲି ରେଲ୍‌ୱେ ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି।

## ଯାନ୍ତ୍ରିକ ତ୍ରୁଟିରୁ ହେଲିକପ୍ଟର ଜରୁରୀ ଅବତରଣ

**ପୁରୀ ଅଫିସ,୨୧।୫**

ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ଶନିବାର ଏକ କୋଷ୍ଟଗାର୍ଡ ହେଲିକପ୍ଟର ଜରୁରୀ ଅବତରଣ କରିଛି। ସମୁଦ୍ର ଉପର ଦେଇ ପାଟ୍ରୋଲିଂ କରିବା ବେଳେ ହେଲିକପ୍ଟରରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ତାଳବଣିଆ ପଡିଆରେ ଜରୁରିକାଳୀନ ଅବତରଣ କରିଛି। ହେଲିପ୍ୟାଡ୍‌ଟି ପାଖରେ ଥିବାରୁ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୋଷ୍ଟାଲଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ହେଲିପ୍ୟାଡ୍‌ରେ ଅବତରଣ କରାଇବା ପରେ ହେଲିକ୍ୟାପ୍ଟରର ଯାନ୍ତ୍ରିକ ସମସ୍ୟା ସମାଧାନ ପାଇଁ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ଯାନ୍ତ୍ରିକ ତ୍ରୁଟିର ସମାଧାନ କରାଯିବା ପରେ ପ୍ରଥମେ ଟ୍ରାଏଲ୍ ଉଡାଣ କରାଯାଇଥିଲା। ଟ୍ରାଏଲ ସଫଳ ହେବା ପରେ ହେଲିକ୍ୟାପ୍ଟର ଉଡ଼ାଣ ଭରିଥିଲା।

# ପୃଥକ୍ ଚୋରି ଘଟଣାରେ ୫ ଗିରଫ


ଗିରଫ ୫ ଅଭିଯୁକ୍ତ ଏବଂ ଜବତ ଅଟୋ, ବାଇକ୍।

**ଜଟଣୀ,୨୧।୫(ଡି.ଏନ୍.ଏ.)**

ଜଟଣୀ ପୋଲିସ ପୃଥକ୍ ପୃଥକ୍ ଚୋରି ଘଟଣାରେ ୫ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଗତ ୧୯ ତାରିଖ ସନ୍ଧ୍ୟାରେ ଜି.ମମତା ଅଫିସରୁ ଘରକୁ ଫେରୁଥିବା ବେଳେ ମ୍ୟୁନିସିପାଲିଟି ଛକ ନିକଟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଭ୍ୟାନିଟି ବ୍ୟାଗ୍‌କୁ ଛଡ଼ାଇ ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୮୩/୨୨)ରୁଜୁକରି ଛଣଘର ଗ୍ରାମର ବିକି ଓରଫ ଜାନକୀ ବଲ୍ଲଭ ରାଉତରାୟ(୨୦) ଏବଂ କୁସୁମାଟି ଗ୍ରାମର ସୁକେଇ ଓରଫ ସୁଶାନ୍ତ ମାଝୀ (୨୭)ଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ଚୋରି ମୋବାଇଲ ଫୋନ୍, ପରିଚୟପତ୍ର ଓ ଗୋଟିଏ ବାଇକ୍ ଜବତ ହୋଇଛି। ସେହିପରି ଅଟୋରିକ୍ସା ଚୋରି ଅଭିଯୋଗରେ ପୋଲିସ ପିପିଲି ଥାନା ଅଧୀନ ଭଗବାନପୁର ଦେବୀଗଳି ଗ୍ରାମର ତ୍ରିନାଥ ପାଣ୍ଡେ ଏବଂ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ମଧୁବନ ସାହିର ଶୁକଦେବ ମହାରଣାଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ଅଟୋ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୫୮/୨୨)ରୁଜୁ ହୋଇଛି। ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ୍ଲ ପଞ୍ଚାୟତ ତିରିମଲ୍ଲ ନଦୀବନ୍ଧ ନିକଟରେ ଥିବା ବତିଆ ଗହୀରରୁ ବିଦ୍ୟୁତ୍ ଖୁଣ୍ଟି ଚୋରି ହୋଇଥିବା ନେଇ ଖୋର୍ଦ୍ଧା ବିଦ୍ୟୁତ୍ ଡିଭିଜନର ଲାଇନ୍‌ମ୍ୟାନ ରାଜେଶ୍ୱର ପାହାଡ଼ସିଂ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୮୪/୨୨)ରୁଜୁ କରିବା ସହ ତିରିମଲ୍ଲ ଗ୍ରାମର ବିପିନ ଓରଫ କୃଷ୍ଣଚନ୍ଦ୍ର ବରାଳକୁ ଗିରଫ କରିଛି।

## ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ: ପିଡି

**ପୋଖରୀ ଖୋଳାରେ ଅନିୟମିତତା ଘଟଣା**

**ଖୋର୍ଦ୍ଧା ଅଫିସ,୨୧।୫**

ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅଧିକ ଶ୍ରମଦିବସ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି। କରୋନା ମହାମାରୀ ଯୋଗୁ ବାହାର ରାଜ୍ୟରୁ ଫେରି ଆସିଥିବା ପ୍ରବାସୀ ଶ୍ରମିକଙ୍କୁ ଅଧିକ କାମ ଯୋଗାଇ ଦେବା ଉପରେ ସରକାର ପ୍ରାଥମିକତା ଦେଇଥିଲେ। ତେବେ ଏହି ଯୋଜନାରେ ବ୍ୟାପକ ଆର୍ଥିକ ଅନିୟମିତତା କରାଯାଉଥିବା ଚର୍ଚ୍ଚା ହେଉଛି। ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୋଖରୀ ଖୋଳାରେ ଅନିୟମିତତା ହୋଇଥିବା ଜଣାପଡିଛି। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଖନନ ହୋଇଥିବା ପୋଖରୀରେ ଦୁର୍ନୀତି ହୋଇଥିବା ନେଇ କେତେଜଣ ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଶ୍ରମିକଙ୍କ ପରିବର୍ତ୍ତେ ମେଶିନ ସାହାଯ୍ୟରେ କାର୍ଯ୍ୟ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ କହିଛନ୍ତି, ଏହି ଅଭିଯୋଗ ପାଇଛି। ଘଟଣାର ତଦନ୍ତ କରାଯିବ। ଅନିୟମିତତା ନେଇ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିହାରରୁ ଗିରଫ ଅଭିଯୁକ୍ତ କୋର୍ଟଚାଲାଣ

**ମେଡିକାଲ କଲେଜରେ ନାମଲେଖାରେ ୩୨ଲକ୍ଷ ଠକେଇ ଘଟଣା**
■ ୨ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ

**ଭୁବନେଶ୍ୱର, ୨୧।୫(ବ୍ୟରୋ)**

ଓଡ଼ିଶା, ବିହାର, କର୍ଣ୍ଣାଟକ, କୋଲ୍‌କାତା, ମହାରାଷ୍ଟ୍ର ଭଳି ରାଜ୍ୟରେ ମେଡିକାଲ୍ କଲେଜରେ ନାମ ଲେଖାଇଦେବା ବାହାନାରେ ଛାତ୍ରୀଛାତ୍ରଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ବିହାରର ଦାନପୁର ରେଲ୍‌ୱେ ଷ୍ଟେଶନରୁ ଗତ ୧୮ତାରିଖରେ ଅଭିମନ୍ୟୁ କୁମାର ସିଂ (୩୯)ଙ୍କୁ ଗିରଫ କରି ଟ୍ରାନ୍‌ଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। କୋର୍ଟଚାଲାଣ ପରେ ଅଭିଯୁକ୍ତଙ୍କୁ ୨ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିଛି। ଅପରପକ୍ଷରେ ଗତ ୧୭ତାରିଖରେ ଏହି ଘଟଣାରେ ପଶ୍ଚିମବଙ୍ଗର ସୁଗତ୍ ଚୌଧୁରୀ ଓରଫ ଅମିତ ବାନାର୍ଜୀ (୪୪)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସୁଗତ୍‌ଙ୍କ ୩ଦିନିଆ ରିମାଣ୍ଡ ଶନିବାର ଶେଷ ହେବା ପରେ ତାଙ୍କୁ ମଧ୍ୟ ଶନିବାର କୋର୍ଟରେ ହାଜର କରାଯାଇଛି। ଉଭୟଙ୍କଠାରୁ ୧୦ଲକ୍ଷ ୨୯ ହଜାର ୫୦୦ ଟଙ୍କା, ୯ଟି ମୋବାଇଲ ଫୋନ, ୨ଟି ଲାପ୍‌ଟପ୍ ଜବତ କରାଯାଇଛି। ଏହି ଠକେଇ ଚେର ବିଭିନ୍ନ ରାଜ୍ୟରେ ଲମ୍ବିଥିବାବେଳେ ଏଥିରେ ଏକାଧିକ ବ୍ୟକ୍ତି ସାମିଲ ଥିବା ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ ଅଭିଯୁକ୍ତଦ୍ୱୟ ପଶ୍ଚିମ ବଙ୍ଗର ଜଣେ ଯୁବତୀଙ୍କୁ ଭୁବନେଶ୍ୱର କିମ୍‌ସ ହସ୍ପିଟାଲ କଲେଜର ସ୍ତ୍ରୀ ବିଭାଗରେ ଥିବା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ତାଙ୍କଠାରୁ ପର୍ଯ୍ୟାୟକ୍ରମେ ୩୨ ଲକ୍ଷ ଟଙ୍କା ଠକି ନେଇ ଯାଇଥିଲେ। କିନ୍ତୁ କଲେଜରେ ଆଡ୍‌ମିଶନ କରାଇ ନ ଥିଲେ। ଦିନ ପରେ ଦିନ ଗଡ଼ିବାରୁ ଯୁବତୀଙ୍କର ସନ୍ଦେହ ହୋଇଥିଲା। ଫଳରେ ତାଙ୍କ ଟଙ୍କା ଫେରାଇବାକୁ ଅଭିଯୁକ୍ତଦ୍ୱୟଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସମ୍ଭବ ହୋଇପାରି ନ ଥିଲା। ଯୁବତୀ ଜଣଙ୍କ ଠକେଇର ଶିକାର ହୋଇଥିବା ଜାଣି ଗତ ୫ତାରିଖରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ କରି ସୁଗତଙ୍କୁ ଗତ ୧୭ ତାରିଖରେ କୋଲ୍‌କାତାରୁ ଗିରଫ କରାଯାଇଥିବା ବେଳେ ଅଭିମନ୍ୟୁଙ୍କୁ ୧୮ତାରିଖରେ ବିହାରରୁ ଗିରଫ କରିଥିଲା।

# ଅଙ୍ଗନଓ୍ୱାଡି କର୍ମୀଙ୍କ ଦାବି ପୂରଣରେ ଅବହେଳା

**ଖୋର୍ଦ୍ଧା ଅଫିସ,୨୧।୫**

ଖୋର୍ଦ୍ଧାରେ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଲେଡିଜ୍ ଓ୍ୱାର୍କର୍ସ ଆସୋସିଏଶନର ୪ର୍ଥ ବାର୍ଷିକ ସମ୍ମିଳନୀ ଶନିବାର ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାନେତ୍ରୀ ପ୍ରଭାତି ମଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଆସୋସିଏଶନର ରାଜ୍ୟ ପ୍ରଭାରୀ ପୃଥ୍ୱୀରାଜ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଙ୍ଗନଓ୍ୱାଡି କର୍ମୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ସମାଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯଥା ନବଜାତ ଶିଶୁ ଓ ଗର୍ଭବତୀଙ୍କ ଯତ୍ନ, ୬ ବର୍ଷ ପର୍ଯ୍ୟନ୍ତ ଶିଶୁର ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣଠାରୁ ତୃଣମୂଳସ୍ତରର ବିଭିନ୍ନ କାର୍ଯ୍ୟକ୍ରମରେ ଅଙ୍ଗନଓ୍ୱାଡି କର୍ମୀମାନେ ଦୈନିକ ୮ ଘଣ୍ଟାରୁ ଉର୍ଦ୍ଧ୍ୱ କାମ କରୁଛନ୍ତି। ମାତ୍ର ସେମାନଙ୍କ ଦାବି ପୂରଣ ହେଉ ନ ଥିବା ବେଳେ ସେମାନଙ୍କୁ ସ୍କିଲ୍ଡ ଓ୍ୱାର୍କର ଭାବେ ଘୋଷଣା କରାଯାଇନାହିଁ। ଇପିଏଫ୍ ଓ ଇଏସ୍‌ଆଇ ସହ ସର୍ବନିମ୍ନ ମଜୁରି ପ୍ରଦାନ ଲାଗି ଦାବି କରିଛନ୍ତି। ବିଏମ୍‌ଏସ୍‌ର ରାଜ୍ୟ ସଙ୍ଗଠନ ସମ୍ପାଦକ ଗିରିଶ୍ ଚନ୍ଦ୍ର ମହାନ୍ତ କହିଥିଲେ, ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ଅଙ୍ଗନଓ୍ୱାଡି କର୍ମୀଙ୍କ



ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ।

ପ୍ରମୁଖ ଭୂମିକା ରହିଛି। ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଅଙ୍ଗନଓ୍ୱାଡି କର୍ମଚାରୀ ମହାସଂଘର ଉପଦେଷ୍ଟା ଶ୍ରୀରଞ୍ଜନ ମଙ୍ଗରାଜ, କୃଷି ଓ ଗ୍ରାମୀଣ ମଜୁଦର ସଂଘ ସର୍ବଭାରତୀୟ ସଭାପତି ବସନ୍ତ ସାହୁ, ସଂଘର ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, କୋଷାଧକ୍ଷା କୁଞ୍ଜଲତା ଦାସ, ହିନ୍ଦୁ ଜାଗରଣ ସାମ୍ମୁଖ୍ୟ ରାଜ୍ୟ ସଭାପତି ଅଜିତ୍ ପଟ୍ଟନାୟକ, ବିଏମ୍‌ଏସ୍ ଜିଲା ସହସଂଯୋଜକ ପାର୍ଥସାରଥି ମହାନ୍ତି, ଅକ୍ଷୟ ରାଉତରାୟ, କୋଷାଧକ୍ଷ ଶିବା ହରିଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବନିତାଞ୍ଜଳି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଲେଡିଜ୍ ଓ୍ୱାର୍କର୍ସ ଆସୋସିଏଶନର ୪ର୍ଥ ବାର୍ଷିକ ସମ୍ମିଳନୀ**

ସରକାରଙ୍କ ପକ୍ଷରୁ ଅଙ୍ଗନଓ୍ୱାଡି କର୍ମୀଙ୍କୁ ଯୋଗାଇ ଦିଆଯାଉଥିବା ମୋବାଇଲ ମହାଘୋଟାଲା, ଇସିସି କାର୍ଯ୍ୟକ୍ରମ ଏବଂ ଅରୁଣିମା କ୍ୟାଲେଣ୍ଡର ମଧ୍ୟରେ ତାଳମେଳ ନ ରହିବା, ମା' ଓ ଶିଶୁଙ୍କ ଅପପୁଷ୍ଟି ରୋକିବା ପାଇଁ ପ୍ରଚଳିତ ମଦର ଚାଇଲ୍ଡ ଓ୍ୱେଟ୍ ମେଶିନ କାର୍ଯ୍ୟକ୍ରମ ନ ହେବା ଏବଂ ଏହାକୁ ସଜାଡ଼ିବା ଓ କିଣିବାରେ ହୋଇଥିବା ଘୋଟାଲାର ପର୍ଦ୍ଦାଫାଶ ସହ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି। ଏହି ଅବସରରେ ଖୋର୍ଦ୍ଧାର ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଂଘର ନୂତନ କାର୍ଯ୍ୟକାରିଣୀ ଗଠନ ହୋଇଥିଲା। ପ୍ରଭାତି ପଟ୍ଟନାୟକ ଜିଲା ସଭାନେତ୍ରୀ, ପ୍ରଭାତି ମଙ୍ଗରାଜ କାର୍ଯ୍ୟକାରୀ ସଭାନେତ୍ରୀ, କମଳିନୀ ମହାନ୍ତି ଓ ନୟନୀ ଦତ୍ତ ଉପାଧକ୍ଷା, ସମ୍ପାଦିକା ସରସ୍ୱତୀ ବଳିୟାରସିଂ, କୁଞ୍ଜଲତା ଦାସ ଯୁଗ୍ମ ସମ୍ପାଦିକା, ସୂର୍ଯ୍ୟମଣି ମିଶ୍ର ଓ ସୌମ୍ୟା ସ୍ନିଗ୍ଧା ସୁନ୍ଦରାୟ ସଙ୍ଗଠନ ସମ୍ପାଦିକା, କବିତା ସ୍ୱାଇଁ ଓ ମନ୍ଦାକିନୀ ପ୍ରଧାନ କୋଷାଧକ୍ଷା ଏବଂ କ୍ରିଷ୍ଣା ବେହେରା, ରୀନା ଦେଈ, ଡଲି ରାଉତରାୟ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ମନୋନୀତ ହୋଇଛନ୍ତି।

## ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ନିମାପଡ଼ା,(ଡି.ଏନ୍.ଏ.)- ନିମାପଡ଼ା ବ୍ଲକ ଅନ୍ତର୍ଗତ ଝାମ୍ପୁଲାକୁଦ ଗ୍ରାମରେ ଥିବା ହୋମିଓପାଥି କ୍ଲିନିକ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମେତ ୫ ସ୍ୱାଧୀନତା ସଂଗ୍ରାମୀ ନିମାପଡ଼ା ମାଟିର ବରପୁତ୍ର ମୋହନ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, ହରିହର ସାହୁ ଏବଂ ହଟ ଭୋଇ ପ୍ରମୁଖଙ୍କ ପ୍ରତିମୂର୍ତ୍ତି ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଏହି ସମାରୋହରେ ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ, ସମ୍ପାଦକ ସୋନିଲତା ସେଠୀ, ସାମାଜିକ କର୍ମୀ ନେତ୍ରାନନ୍ଦ ଭୋଇ ପ୍ରମୁଖ ଯୋଗଦେଇ ଏହି ୫ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରିଥିଲେ। ଏହି ସମାରୋହରେ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ସାମାଜିକ କର୍ମୀ ନେତ୍ରାନନ୍ଦ ଭୋଇ ନିଜସ୍ୱ ଅର୍ଥରେ ନିଜ ହୋମିଓପାଥିକ କ୍ଲିନିକ ପରିସରରେ ଏହି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୫।୨୦୨୨

| | |
|---|---|
| ୩,୬୫,୭୮୩ ଟଙ୍କା | |
| ସୁନା | ୧.୫୦୦ ଗ୍ରାମ |
| ରୁପା | ୧୭.୮୦୦ ଗ୍ରାମ |

# ୬ ଏକର ଜମିରେ ସେବାୟତଙ୍କ ପାଇଁ ହେବ ଗୃହ

■ ପରିଚାଳନା କମିଟି ବୈଠକ
■ ସାଂସ୍କୃତିକ ଉପଦେଷ୍ଟା କମିଟି ନିଷ୍ପତ୍ତି ପାରିତ

ପୁରୀ ଅଫିସ,୨୧।୫:

ନୀଳାଦ୍ରି ଭକ୍ତନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଗୁରୁକୁଳ ସବ୍‌କମିଟି ପ୍ରସ୍ତାବକୁ ପାରିତ କରାଯାଇଥିଲା। ଏହାପରେ ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଗତ ୧୧ ତାରିଖରେ ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ବସିଥିବା ସାଂସ୍କୃତିକ ଉପଦେଷ୍ଟା କମିଟି ନିଷ୍ପତ୍ତିକୁ ମଧ୍ୟ ପାରିତ କରାଯାଇଛି। ଏଥିସହ ସେବାୟତ ପରିବାରଙ୍କ ପାଇଁ ୬ଏକର ଜମିରେ ବାସଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଏସ୍‌ଆଇ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଶହେ ମିଟର ପରିଧି ବାହାରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ ନିର୍ମାଣ ହେବ। ଆଉଟର ଆକ୍ସେସ୍ ରୋଡ୍ ପାଇଁ ଆବଶ୍ୟକ ହେଲେ ଅଧିକ ଜମି ଅଧିଗ୍ରହଣ ହୋଇପାରେ। ଯାତ୍ରୀ ପରିକ୍ରମା ମାର୍ଗରେ ହେଉଥିବା ସମସ୍ତ କାର୍ଯ୍ୟ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯିବ।

ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଦୁଇ ବର୍ଷ ଭିତରେ ଯେଉଁ ବେଗରେ କାର୍ଯ୍ୟ ଚାଲୁଛି, ଆଗାମୀ ୨ ବର୍ଷରେ ଗୁରୁକୁଳ ନିର୍ମାଣ ହେବ। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଓବିସିସି ପରିଚାଳନା କମିଟି ସମ୍ମୁଖରେ ଉପସ୍ଥାପିତ କଲେ। ଯାହା କାର୍ଯ୍ୟ ଆଗକୁ ହେବାରେ ରହିଛି, ତାହା କୋର୍ଟ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ସହଯୋଗରେ କରାଯିବ। ଏଏସ୍‌ଆଇ ଅଧିକାରୀ ବୈଠକରେ ଉପସ୍ଥିତ ରହିନାହାନ୍ତି। ଅଭ୍ୟର୍ଥନା ଗୃହ କେଉଁଠାରେ କରାଯିବ ସେନେଇ ନିଷ୍ପତ୍ତି ହୋଇ ନ ଥିବାବେଳେ କେବଳ ଏଏସ୍‌ଆଇ ଡିଜିଙ୍କ ପରାମର୍ଶକୁ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ସେହିଭଳି ନିର୍ମାଣ ମେଘନାଦ ପ୍ରାଚୀରଠାରୁ ଉଚ୍ଚ ହେବ ନାହିଁ ବୋଲି ସାଂସ୍କୃତିକ ଉପଦେଷ୍ଟା କମିଟିରେ ନିଷ୍ପତ୍ତି ହୋଇଥିଲା। ଏହା ଅନୁମୋଦିତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବ୍ୟତୀତ ସେବାୟତ ବାସଗୃହ ଯୋଜନା ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଦୁଇଟି ସ୍ଥାନ ନିର୍ଦ୍ଧାରଣ ହୋଇଛି। ହରଚଣ୍ଡୀ ସାହିରେ ୩.୧୮ ଏକର ଜମି ଓ ମାଟିମଣ୍ଡପ ସାହିରେ ୨.୮୧ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁ ରହିଛି। ଜମି ଅଧିଗ୍ରହଣ ନ୍ୟାୟିକ ସମସ୍ୟା ରହିଛି। ୨ରୁ ୩ ମାସ ମଧ୍ୟରେ ଏହା ଶୀଘ୍ର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେବାୟତ ଆବାସ ଯୋଜନାର ନକ୍ସା ପ୍ରସ୍ତୁତ ଓବିସିସି ପ୍ରସ୍ତୁତ କରିବ। ଶ୍ରୀମନ୍ଦିର ପରିଚାଳନା କମିଟିରେ ଡିଜାଇନ୍ ପାରିତ ହେବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିବ। ଅନ୍ୟପକ୍ଷରେ ପୁରୁଷୋତ୍ତମ ଭକ୍ତ ନିବାସକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ରଥଯାତ୍ରା ପୂର୍ବରୁ ଏହା କାର୍ଯ୍ୟକ୍ଷମ ହେବ। ଭକ୍ତନିବାସରେ ଆନୁଷଙ୍ଗିକ ଆସବାବପତ୍ର ଓ କ୍ୟାଣ୍ଟିନର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ରଥଯାତ୍ରା ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇନାହିଁ। ଏଥିପାଇଁ ସ୍ୱତନ୍ତ୍ର ବୈଠକ ବସିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକରେ ଗଜପତି ମହାରାଜାଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।



ପରିଚାଳନା ବୈଠକରେ ଉପସ୍ଥିତ ଗଜପତି ମହାରାଜ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟମାନେ ।

## ରଥଖଳାରୁ

# ସିଂହ ବରାଳ ରୂପ ଖୋଦେଇ କାମ ଆରମ୍ଭ



ପୁରୀ ଅଫିସ, ୨୧।୫

ରବିବାର ମହାପ୍ରଭୁଙ୍କ ଭଉଁରୀ ଯାତ୍ରା। ଏଥିପାଇଁ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଚଳଚଞ୍ଚଳ ରହିଛି। ଶନିବାର ସନ୍ଧ୍ୟା ସୁଦ୍ଧା ତିନି ରଥର ସମୁଦାୟ ୪୨ଟି ଚକ ମଧ୍ୟରୁ ୧୯ଟି ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ତାଳଧ୍ୱଜ ରଥର ୭ଟି ଚକ, ଦେବଦଳନ ରଥ ୫ଟି ଏବଂ ନନ୍ଦିଘୋଷ ରଥର ୭ଟି ଚକ ସମ୍ପୂର୍ଣ୍ଣ ହୋଇଛି। ଅନ୍ୟପଟେ ତିନିରଥ ପାଇଁ ଦୁଇଟି ଲେଖାଏ ତିଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଆରମ୍ଭ ହୋଇଛି। ତାଳଧ୍ୱଜ ଚାଳିରେ ଶନିବାର ସୁଦ୍ଧା ତାଳଧ୍ୱଜ ରଥର ୭ଟି ଚକ ନିର୍ମାଣ ସରି ଆଉ ୨ଟି ତୁମ୍ୱରେ ଅର ସଂଯୋଗ ପରେ ତୁମ୍ବ ବିନ୍ଧ ସହ ପଂଦାରୀ, ବଳା ଆସି ଅରରେ ପଇ ପିନ୍ଧା ସରିଛି, ପଇ କଳସା ପାଇଁ ଦାଗ ଗାରିଆ ସରିଛି। ଦେବଦଳନ ରଥର ୫ଟି ଚକ ସରି ଆଉ ୩ଟି ଚକ ପାଇଁ ତୁମ୍ୱରେ ପଇ ସଂଯୋଗ ହୋଇ ତୁମ୍ୱରେ ଅଖ ବିନ୍ଧ ହୋଇ ପଂଦାରୀ ବଳା ବସିଛି। ନନ୍ଦିଘୋଷ ରଥରେ ୭ଟି ଚକ ଶେଷ ହୋଇଛି। ଏଥିସହ ୪ଟି ଭୁଇଁଚଉତା ଚଉପଟ ଶେଷ ହୋଇ ୨ଟି ମୁହାଁଟ ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ରୂପକାର ଚାଳି ତିନିରଥର ଛଅ ଛଅଟି ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନିରଥ ପାଇଁ ଆବଶ୍ୟକ ଅରକା ଶେଷ କରି, ଆବଶ୍ୟକ ପଂଦାରୀ, ପଂଦାରୀ ଚାବି ଶେଷ ପରେ ମାପ ଅନୁଯାଇ ବଳା ନିର୍ମାଣ ଚାଲୁ ରହିଛି।

## ସଂକ୍ଷେପରେ

### ଜେସିବି ଚାପାରେ ମହିଳାଙ୍କ ମୃତ୍ୟୁ

କଣାସ,୨୧।୫(ସ୍ୱ.ପ୍ର.)- କଣାସ ବ୍ଲକ ସାହୁପଡା ପଞ୍ଚାୟତର ଅଡିରା ଗ୍ରାମରେ ଜେସିବି ତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଡିଶାଗୋଦା ଥାନା ଅଧୀନ ଉକ୍ତ ଗ୍ରାମର ସୁକାନ୍ତି ଜେନା (୪୩)। ଏ ନେଇ ମୃତାଙ୍କ ସ୍ୱାମୀ ପ୍ରଫୁଲ୍ଲ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୬୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ପ୍ରଫୁଲ୍ଲ ଓ ପ୍ରଭାକର ଜେନା ଦୁଇ ଭାଇଙ୍କର ଥିବା ଜମିକୁ ନେଇ ବିବାଦ ଲାଗିରହିଥିଲା। ଶୁକ୍ରବାର ପ୍ରଭାକର ଜେସିବି ଦ୍ୱାରା ଭାଇଙ୍କ ଜମିରେ ମାଟି ପକାଇବା ସମୟରେ ସୁକାନ୍ତି ବିରୋଧ କରିଥିଲେ। କିନ୍ତୁ ହଠାତ୍ ଜେସିବି ତାଙ୍କ ଉପରେ ମାଡିଯାଇଥିଲା। ସ୍ଥାନୀୟଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲ ନେବା ସହ ପ୍ରଫୁଲ୍ଲଙ୍କୁ ଜଣାଇଥିଲେ। ହେଲେ ମେଡିକାଲରେ ଡାକ୍ତର ସୁକାନ୍ତିଙ୍କୁ ମୃତ ଘୋଷଣା କରିଥିଲେ।

### ନିର୍ଯାତନା ଅଭିଯୋଗ

ନିମାପଡ଼ା,୨୧।୫(ଡି.ଏନ୍.ଏ.): ଯୌତୁକ ପାଇଁ ସ୍ୱାମୀ, ଶ୍ୱଶୁର, ଶାଶୁ, ଯାଆ ଏବଂ ଦେଢ଼ଶୁର ନିର୍ଯାତନା ଦେଉଥିବା ବୋହୂ ତେଜସ୍ୱିନୀ ପଣ୍ଡା ନିମାପଡ଼ା ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ (କେସ୍ ନଂ. ୧୬୯/୨୨)ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲିପାଟଣା ଥାନା ଗରିଆ ଗ୍ରାମର ରଘୁନାଥଙ୍କ ଝିଅ ତେଜସ୍ୱିନୀ ୨୦୧୮ରେ ନିମାପଡ଼ା ଥାନା ବ୍ରାହ୍ମଣପଡା ଗ୍ରାମର ଜନ୍ମେଜୟ ପଣ୍ଡାଙ୍କୁ ବିବାହ କରିଥିଲେ। ବିବାହବେଳେ ଶାଶୁଘର ଦାବି ଅନୁସାରେ ୧ ଲକ୍ଷ ଟଙ୍କା, ସୁନା ଓ ଆସବାବପତ୍ର ଦିଆଯାଇଥିଲା। ହେଲେ ୪ମାସ ପରେ ଆଉ ୧ଲକ୍ଷ ଟଙ୍କା ଆଣିବାକୁ ଶାଶୁଘର ଲୋକେ କହିବା ସହ ତେଜସ୍ୱିନୀଙ୍କୁ ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ଡକାୟତି ଉଦ୍ୟମ ପଣ୍ଡ: ୩ ଗିରଫ

ନିମାପଡ଼ା,୨୧।୫(ଡି.ଏନ୍.ଏ.): ନିମାପଡ଼ା ଅଣ୍ଡିଆ ସାହି ନିକଟସ୍ଥ କୁଶଭଦ୍ରା ନଦୀବନ୍ଧ ନିକଟରେ ଡକାୟତି ଉଦ୍ୟମ କରୁଥିବାବେଳେ ୩ ଜଣଙ୍କୁ ନିମାପଡ଼ା ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ଚଢ଼େଇ ଗାଁର ପ୍ରଭାକର ମଲ୍ଲିକ, ତମ୍ପଲୋ ଗାଁର ଜିତୁ ଓଝା ଏବଂ ବାଲିପାଟଣା ଅନ୍ତର୍ଗତ ଶିଶୁମଠସାହିର ସତ୍ୟଭାନୁ ବେହେରା। ସେମାନଙ୍କ ପାଖରୁ ଗୋଟେ ଖଣ୍ଡା, କଟୁରି, ମହମବତି ପ୍ୟାକେଟ୍, ୨ଟି ମଦ ବୋତଲ, ଦିଆସିଲି, ବାଇକ୍ ଜବତ ହୋଇଛି। ତେବେ ୨ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ଏନେଇ ନଂ. ୧୭୦/୨୨)ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏସ୍‌ପି କନୱାର ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।





ରାଜ୍ୟରେ ବିଦ୍ୟୁତ୍ ସମସ୍ୟା ନେଇ ସିପିଆଇ ପକ୍ଷରୁ ଶନିବାର ପୁରୀ ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ବିଦ୍ୟୁତ୍ ସମସ୍ୟାକୁ ନେଇ ସିପିଆଇର ବିକ୍ଷୋଭ

ପୁରୀ ଅଫିସ,୨୧।୫

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପୁରୀ ଶାଖା ପକ୍ଷରୁ ବିଦ୍ୟୁତ୍ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଶନିବାର ଏକ ପ୍ରତିବାଦ ଶୋଭାଯାତ୍ରା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସାରା ରାଜ୍ୟରେ ଦେଖାଯାଇଥିବା ବିଦ୍ୟୁତ୍ ସମସ୍ୟା ବିରୋଧରେ ସିପିଆଇ ରାଜ୍ୟ କମିଟି ଆହ୍ୱାନକ୍ରମେ ପୁରୀ ଜିଲା ଶାଖା ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାଟି ମୋଚିସାହି ଛକଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବାପରେ ପ୍ରତିବାଦ ସଭା ହୋଇଥିଲା। ରାଜ୍ୟର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯାଉ, ପୂର୍ବ ବକେୟା ବିଦ୍ୟୁତ୍ ବିଲ୍ ଛାଡ଼ କରାଯାଉ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରାଯିବା ସହିତ ଲୋ ଭୋଲଟେଜ ସମସ୍ୟା ସମାଧାନ କରାଯାଇ ନିରନ୍ତର ବିଦ୍ୟୁତ ଯୋଗାଣ ଚାଲୁ ରଖାଯାଉ ଏଭଳି ୮ ଦାବି ନେଇ ସିପିଆଇ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ସଭା ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ବକ୍ତା ଭାବେ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଦେବେନ୍ଦ୍ର ସାହୁ, କୃଷକ ସଭା ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଏଆଇଟିୟୁସିର ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଏଆଇୱାଇଏଫର ଜିଲା ସଭାପତି ସୁକାନ୍ତ ମହାନ୍ତି, ବ୍ରହ୍ମଗିରି ଜୋନ ସମ୍ପାଦକ ହରିହର ସେନାପତି ଏବଂ ପୁରୀ ଜୋନ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନିଜସ୍ୱ ଅର୍ଥରେ ପଞ୍ଚାୟତ ସଫା କରୁଛନ୍ତି ସରପଞ୍ଚ

ସାକ୍ଷୀଗୋପାଳ,୨୧।୫(ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ଅଧୀନ ପେଣ୍ଠପଡ଼ା ପଞ୍ଚାୟତର ସମୁଦାୟ ୧୧ଟି ୱାର୍ଡରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରି ପ୍ରଶଂସାର ପାତ୍ର ହୋଇଛନ୍ତି ସରପଞ୍ଚ ଚିନ୍ମୟୀ ରାଉତ। ଦୀର୍ଘଦିନ ହେବ ପ୍ରଶାସନ ଦୃଷ୍ଟି ଆଢୁଆଳରେ ଆବର୍ଜନାମୟ ପରିବେଶ ସୃଷ୍ଟି କରୁଥିବା କୁଢ଼ କୁଢ଼ ଆବର୍ଜନାକୁ ଶୁକ୍ରବାର ନିଜସ୍ୱ ଅର୍ଥରେ ସଫା କରିଛନ୍ତି ସରପଞ୍ଚ। ନିଜେ ଉପସ୍ଥିତ ରହିବା ସହ ଦୁଇଟି ଟ୍ରାକ୍ଟର ଯୋଗେ ଏହି ଆବର୍ଜନାକୁ ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି। ପ୍ରଥମେ ସାକ୍ଷୀଗୋପାଳ ମନ୍ଦିର ଓ ଦୋଳବେଦି ପରିସରରୁ ଦୀର୍ଘଦିନର ଆବର୍ଜନା ସଫା କରି ବ୍ଲିଚିଂ ପକାଯାଇଛି। ଏହି ସ୍ଥାନ ପେଣ୍ଠପଡ଼ା ପଞ୍ଚାୟତ ଅଧୀନରେ ନ ଥିଲେ ମଧ୍ୟ ପ୍ରଥମେ ସାକ୍ଷୀଗୋପାଳ ମନ୍ଦିର ପରିସର ସଫାସୁତରା ରହିବା ଆବଶ୍ୟକ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ପୁରୀ ଅଫିସ,୨୧।୫

ଗଙ୍ଗାଧର ମହାପାତ୍ର(ଜିଏମ୍) ଆଇନ ମହାବିଦ୍ୟାଳୟର ସେମିନାର ହଲ ପରିସରରେ ଅଲ୍ ଇଣ୍ଡିଆ ରେଡିଓ ପୁରୀ ତରଫରୁ ଶନିବାର ଏକ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଓଡ଼ିଆ ବିତର୍କ ପ୍ରତିଯୋଗିତା ଗ୍ରାମ୍ୟ ଜୀବନର ଅଭ୍ୟୁଦୟ ହିଁ ଭାରତ ବିକାଶର ମୂଳମନ୍ତ୍ର ଶୀର୍ଷକ ବିଷୟବସ୍ତୁ ଉପରେ ଏକ ପ୍ରତିଯୋଗିତା କରାଯାଇଥିଲା। ୧୨ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଛାତ୍ରୀ କ୍ଷଣପ୍ରଭା ଷଡଙ୍ଗୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆକାଶବାଣୀ ପୁରୀ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମାନସ ରଞ୍ଜନ ନାୟକ, ସହ କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ ନାୟକ, ଯୁବ ବାଣୀ ଉପସ୍ଥାପକ ରୋନିତା ଦାସ, ରେକର୍ଡିଂ ଇଞ୍ଜିନିୟର ଶେଖ ପ୍ରବିର୍ ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରତିଭା ଅନେ୍ୱଷଣ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଶେଷ ଦେବ ମହାରଣା, ସଂଯୋଜକ ଅଧ୍ୟାପକ ଲୋକନାଥ ସୁଆର, ଡ. କୌଳାସ ଚନ୍ଦ୍ର ରଥ, ଡ. ପ୍ରଫୁଲ୍ଲ ନାୟକ, ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଆଜି ଶ୍ରୀକ୍ଷେତ୍ର ଭଉଁରୀ, ଚକ ଡେରା ନୀତି

ପୁରୀ ଅଫିସ,୨୧।୫

ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ବା ୨୦ ତମ ଦିବସ ଅବସରରେ ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହୋଇଥାଏ। ତେବେ ରବିବାର ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହେବାକୁ ଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ବ୍ୟବସ୍ଥା ଶେଷ ହୋଇଛି। ରଥ ସଂହିତା ଅନୁଯାୟୀ ରଥଖଳାରେ ପରମ୍ପରା ମୁତାବକ ତିନିରଥର ପ୍ରତ୍ୟେକ ଦୁଇଟି ଚକ ସହ ଗୋଟିଏ ଅଖ ସଂଯୋଗ କରାଯିବ। ଯାହାକୁ ଚକଅଖ ଡେରା ନୀତି କୁହନ୍ତି। ଏଥିପାଇଁ ବିଶ୍ୱକର୍ମା ମହାରଣାମାନେ ୬ଟି ଚକ ଓ ତିନୋଟି ଅଖ ପ୍ରସ୍ତୁତ କରି ରଖିଛନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ତିନିବାଡର ପୂଜାପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାକୁ ଆସିବେ। ଆଜ୍ଞାମାଳ ପ୍ରଦାନ ପରେ ସେଠାରେ ଭୋଇ ସେବକମାନେ ଚକ ଅଖ ଡେରା କାର୍ଯ୍ୟ ସମ୍ପନ୍ନ କାର୍ଯ୍ୟ କରି ନିୟମ ଅନୁଯାୟୀ ପ୍ରଥମ ହରିବୋଲ ପକାଇବେ। ସେହିପରି ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରୀ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଳିଙ୍କ ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ। ପରେ ଦିନ ଚାପ ସରିବା ପରେ ଠାକୁରମାନେ ଚକଡା ପରିସରରେ ଥିବା ଚନ୍ଦନ କୁଣ୍ଡକୁ ବିଜେ କରିବେ। ପରେ ବେଶ ହୋଇ ଭୋଗ ମଣୋହି ହେବେ। ପରେ ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରୀ ଯାତ୍ରା କରିବା ପାଇଁ ଚାପକୁ ବିଜେ କରିବେ। ପୁଷ୍କରିଣୀର ସମସ୍ତ କୋଣରେ ଏବଂ ଦୀପିଦାଣ୍ଡି ନିକଟରେ ଚାପ ଡଙ୍ଗା ୨୧ ଘେରା ଲେଖାଏ ବୁଲିବ।

# ଯାନ୍ତ୍ରିକ ତ୍ରୁଟିରୁ ହେଲିକପ୍ଟର ଜରୁରୀ ଅବତରଣ

ପୁରୀ ଅଫିସ,୨୧।୫



ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ଶନିବାର ଏକ କୋଷ୍ଟଗାର୍ଡ ହେଲିକପ୍ଟର ଜରୁରୀ ଅବତରଣ କରିଛି। ସମୁଦ୍ର ଉପର ଦେଇ ପାଟ୍ରୋଲିଂ କରିବା ବେଳେ ହେଲିକପ୍ଟରରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ନିକଟସ୍ଥ ତାଳବଣିଆ ପଡିଆରେ ଜରୁରିକାଳୀନ ଅବତରଣ କରିଛି। ହେଲିପ୍ୟାଡ୍‌ଟି ପାଖରେ ଥିବାରୁ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇ ଥିବା କୋଷ୍ଟାଲଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ହେଲିପ୍ୟାଡ୍‌ରେ ଅବତରଣ କରାଇବା ପରେ ହେଲିକ୍ୟାପ୍ଟରର ଯାନ୍ତ୍ରିକ ସମସ୍ୟା ସମାଧାନ ପାଇଁ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ଯାନ୍ତ୍ରିକ ତ୍ରୁଟିର ସମାଧାନ କରାଯିବା ପରେ ପ୍ରଥମେ ଟ୍ରାଏଲ୍ ଉଡାଣ କରାଯାଇଥିଲା। ଟ୍ରାଏଲ ସଫଳ ହେବା ପରେ ହେଲିକପ୍ଟର ଉଡ଼ାଣ ଭରିଥିଲା। କୋଷ୍ଟାଗାର୍ଡ ଟେକ୍ନିସିଆନମାନେ ଆସି ପ୍ରାୟ ୪ ଘଣ୍ଟା ଧରି ମରାମତି କାର୍ଯ୍ୟ କରିଥିଲେ। ତେବେ ହେଲିକପ୍ଟର ଓହ୍ଲାଇବା ପୂର୍ବରୁ ପୁରୀ ପୋଲିସ ସହ ଯୋଗାଯୋଗ କରି ଅନୁମତି ନିଆଯାଇଥିଲା। ପୋଲିସ ଅଗ୍ନିଶମ ବିଭାଗକୁ ଏନେଇ ଯୁଦ୍ଧକାଳୀନ ଭିତ୍ତିରେ ସୂଚନା ଦେଇଥିଲେ।

# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ

ଅସ୍ତରଙ୍ଗ,୨୧।୫(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ମିଳିତ ସହଯୋଗରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ପ୍ରସିଦ୍ଧ ସତ୍ୟାଗ୍ରହ ପୀଠ କୁହୁଡିରେ ୯୨ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଶନିବାର ପାଳିତ ହୋଇଯାଇଛି। ଏହି ସମାରୋହରେ ପ୍ରଥମେ ସଂଗ୍ରାମୀ ପୁରୁଷ ଭାବେ ପୀଠରେ ଥିବା ଜାତୀୟ ପିତା ମହାତ୍ମା ଗାନ୍ଧୀ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ସର୍ବଦା ସତ୍ୟ ବଚନ କହି ଏବଂ ହିଂସା ପରିତ୍ୟାଗ କରି ଦେଶ ମାତୃକାକୁ ରକ୍ଷା କରିବା ସହିତ ବିକାଶ ପଥରେ ଆଗେଇ ନେବା ପାଇଁ କହି ଏକ ଶପଥ ପାଠ କରାଇଥିଲେ। ବୈଠକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବାର ଥିବାବେଳେ ଜରୁରୀ କାର୍ଯ୍ୟ ଯୋଗୁ ଅନୁପସ୍ଥିତ ରହିବାରୁ ଏକ ଭିଡିଓ ମାଧ୍ୟମରେ ତାଙ୍କର ବାର୍ତ୍ତା ପ୍ରଦାନ କରିଥିଲେ। ପରେ ଉପସ୍ଥିତ ଅତିଥି ସ୍ମୃତି ସମିତିର ସଭାପତି ସୋମନାଥ ପାତ୍ର, ମନ୍ତ୍ରୀ ଦାସ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, କୃଷକ ସେଲ୍ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ, ପୂର୍ବତନ ବିଧାୟକ ରବି ମଲ୍ଲିକ, ସୁରେନ୍ଦ୍ର ସେଠୀ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତି ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଦିବାକର ଛାଟୋଇ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ସ୍ତମ୍ଭକାର ଦାସ ବେନୁଝୁର୍, ପ୍ରହ୍ଲାଦ ସିଂ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅତିଥିମାନେ ଅସ୍ତରଙ୍ଗ ସାମ୍ବାଦିକ ସଂଘ ସଦସ୍ୟ ସମେତ ଉପସ୍ଥିତ ସମସ୍ତ ଖବରଦାତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ଗଡ଼ିଲା

ପିପିଲି,୨୧।୫(ଡି.ଏନ୍.ଏ.)





ପିପିଲିର ବାଲିଗାଁରେ ବର୍ଜ୍ୟବସ୍ତୁ ପରିଚାଳନା ଗାଡିକୁ ବିଧାୟକ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ପିପିଲି ବ୍ଲକର ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଅଭିଯାନରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ତେଇଶିପୁର ପଞ୍ଚାୟତକୁ ପ୍ରଥମେ ସାମିଲ କରାଯାଇଛି। ଏହି ଅଭିଯାନ ବାଲିଗାଁଠାରୁ ଆରମ୍ଭ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଗାଁର ଭକ୍ତ ଦାସିଆ ପୀଠରେ ଶନିବାର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ବର୍ଜ୍ୟବସ୍ତୁ ସୁପରିଚାଳନା ପାଇଁ ଆସିଥିବା ଦୁଇଟି ବ୍ୟାଟେରି ଚାଳିତ ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଗାଡି ଦୁଇଟି ଗାଁ ଗାଁ ବୁଲି ନିର୍ମାଣ ହୋଇଥିବା ସିମେଣ୍ଟ କୁଣ୍ଡରୁ କଠିନ ଓ ତରଳ ବର୍ଜ୍ୟବସ୍ତୁ ଆଣିବେ। ଏହି ଉପଲକ୍ଷେ ଭକ୍ତ ଦାସିଆ ପୀଠରେ ସ୍ୱଚ୍ଛ ଭାରତ ମିଶନ ପାଇଁ ଏକ ଜନସଚେତନତା ସଭା ହୋଇଯାଇଛି। ବିଧାୟକ ମହାରଥୀ, ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଜିଲା ପରିଷଦ ଧରଣୀଧର ସାହୁ, ଏମ୍‌ପି ପ୍ରତିନିଧି ନାରାୟଣ ସ୍ୱାଇଁ, ସରପଞ୍ଚ ରଶ୍ମିତା ସେନାପତି, ବିଡିଓ ରଶ୍ମିତା ନାଥ, ଜିଲା ସଂଯୋଜକ ପରିମଳ ବିଭାଗ ଦୀପ୍ତି ପ୍ରଧାନ, ଶ୍ରୋତାସିନୀ ରାୟବିଧାର, ସ୍ୱଚ୍ଛ ଭାରତ ମିଶନ ଜିଲା ପ୍ରଶିକ୍ଷକ ଶ୍ରୀପତି ମହାପାତ୍ର, ବ୍ଲକ ସହକାରୀ ଯନ୍ତ୍ରୀ ବସନ୍ତ ସାହୁ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ କହିଥିଲେ। ମହିଳା ମହାସଂଘ ସଭାନେତ୍ରୀ ଉମାମଣି ରଥ, ଶାନ୍ତିଲତା ପରିଡା, ଈଶ୍ୱର ପ୍ରସାଦ ଦାଶ, କେଶବ ସେନାପତି, ଜିତେନ୍ଦ୍ର ବରାଳ, ଜୟନ୍ତ ଦାଶ, ଶେଖାୟତ ଖାଁ ,ଦେବେନ୍ଦ୍ର ବେହେରା, ଜିଆରଏସ ଆଶ୍ରିତ ଦୀକ୍ଷିତ ସହଯୋଗ କରିଥିଲେ।

# ସେବାୟତ ପିଲାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ

■ ଗୁରୁକୁଳ ସୋସାଇଟି ଗଠନ ହେବ
■ ୬ଷ୍ଠରୁ ଦ୍ୱାଦଶ ପିଲାଙ୍କୁ ହଷ୍ଟେଲ ସୁବିଧା

ପୁରୀ ଅଫିସ,୨୧।୫:

ଶ୍ରୀମନ୍ଦିର ସେବାୟତ ପରିବାରର ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ ପ୍ରକ୍ରିୟା ଆଉ ପାଦେ ଆଗେଇଛି। ଏ ନେଇ ଶନିବାର ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତ ନିବାସରେ ପ୍ରଥମେ ଗୁରୁକୁଳ ସବକମିଟି ବୈଠକ ହୋଇଥିଲା, ପରେ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତିକୁ ପାରିତ କରାଯାଇଥିଲା। ଆଦର୍ଶ ଗୁରୁକୁଳ ପାଇଁ ସୋସାଇଟି ରେଜିଷ୍ଟ୍ରେଶନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏଥିସହ ଗୁରୁକୁଳ ସୋସାଇଟିରେ ସେବାୟତ ପରିବାରର ପିଲାଙ୍କ ପାଇଁ ୫୦ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଯୋଜନା ହୋଇଛି। ଏହି ସୋସାଇଟି ଓ ଆଦିତ୍ୟ ବିର୍ଲା କମ୍ପାନୀ ମଧ୍ୟରେ ରାଜିନାମା ସ୍ୱାକ୍ଷର ହେବ। ଆଦିତ୍ୟ ବିର୍ଲାର ସହଭାଗିତାରେ ଆଦର୍ଶ ଗୁରୁକୁଳ ବିଦ୍ୟାଳୟ ଚାଲିବ। ଗୁରୁକୁଳ ସବ୍‌କମିଟି ବୈଠକରେ ସୋସାଇଟିର ନିୟମାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପରିଚାଳନାଠାରୁ ପ୍ରଶାସନିକ କ୍ଷେତ୍ରରେ ଦାୟିତ୍ୱ କିଭଳି ଭାବେ ବଣ୍ଟନ ହେବ, ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦରେ କେଉଁମାନେ ରହିବେ, ସୋସାଇଟିରେ କେଉଁମାନେ ସାମିଲ ହେବେ ସେନେଇ ବିଚାର ବିମର୍ଶ କରାଯାଇଥିଲା। ତେବେ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି, ପ୍ରଥମେ ସୋସାଇଟି ରେଜିଷ୍ଟ୍ରେଶନ କରାଯିବ, ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଛି। ପରିଚାଳନା କମିଟି ଆଦର୍ଶ ଗୁରୁକୁଳ ନିର୍ମାଣକୁ ପ୍ରାଥମିକତା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ନିଷ୍ପତ୍ତି ହୋଇଛି ଯେ, ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଆଦର୍ଶ ଗୁରୁକୁଳରେ ପଢ଼ିବେ। ମାଟିତୋଟାଠାରେ ଉଭୟ ଗୁରୁକୁଳ ଓ ଛାତ୍ରାବାସ କରାଯିବ। ସମୁଦାୟ ୧୫ଶହ ପିଲା ଗୁରୁକୁଳରେ ଭର୍ତ୍ତି ହୋଇପାରିବେ। ଅତିକମ୍‌ରେ ୫୦ ପ୍ରତିଶତ ସେବାୟତ ପରିବାରର ପିଲା ପାଠ ପଢ଼ିବେ। ସେବାୟତ ପିଲାଙ୍କୁ ମାଗଣା ଶିକ୍ଷା ସହ ଶୈକ୍ଷିକ ଉପକରଣ ମଧ୍ୟ ଦିଆଯିବ। ଯାତାୟାତଠାରୁ ୟୁନିଫର୍ମ, ଛାତ୍ରାବାସର ସୁବିଧା ମାଗଣା ମିଳିବ। ହେଲେ ବଳକା ପିଲା ଅର୍ଥ ବିନିମୟରେ ପାଠ ପଢ଼ିବେ। ତେବେ ସେବାୟତ ପିଲାଙ୍କୁ କିଭଳି ଭାବେ ଚୟନ କରାଯିବ ତାହାର ଦାୟିତ୍ୱ ସୋସାଇଟିର ଅଂଶୀଦାରମାନଙ୍କ ଉପରେ ଛାଡ଼ି ଦିଆଯିବ। ପାଖାପାଖି ୭୫୦ରୁ ଊର୍ଦ୍ଧ୍ୱ ସେବାୟତ ପରିବାରର ପିଲା ପଢ଼ିବେ। ଗୁରୁକୁଳ ହଷ୍ଟେଲରେ ଉଭୟ ଛାତ୍ରୀଛାତ୍ର ରହିବା ପାଇଁ ବ୍ୟବସ୍ଥା ହେବ। ପ୍ରଥମରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ସୁବିଧା ମିଳିବ ନାହିଁ। ୬ଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ହଷ୍ଟେଲ ସୁବିଧା ପାଇବେ। ଏହି ସବୁ ପ୍ରସ୍ତାବକୁ ପରିଚାଳନା କମିଟି ଅନୁମୋଦନ କରିଛି। ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଆଦର୍ଶ ଗୁରୁକୁଳ ସ୍ୱପ୍ନପୂରଣ ହେବ ବୋଲି ହୋଇପାରି ନାହିଁ। ବୈଠକ କରି ନିଷ୍ପତ୍ତି ନିଆଯାଉଥିଲେ ମଧ୍ୟ ଆଦର୍ଶ ଗୁରୁକୁଳ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ପରିଚାଳନା କମିଟି ତୁରନ୍ତ ଗୁରୁକୁଳ କାର୍ଯ୍ୟକ୍ଷମ କରୁ ବୋଲି ସେ ଦାବି କରିଛନ୍ତି। ଏହି ବୈଠକରେ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ସମେତ ଗୁରୁକୁଳ ସବକମିଟି ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

**ଅବକାରୀ ଚଢ଼ାଉ: ୭୩୫ ଲିଟର ଦେଶୀ ମଦ ଜବତ**

ଆଠଗଡ଼,(ସ୍ୱ.ପ୍ର.): ଆଠଗଡ଼ ଅବକାରୀ ବିଭାଗ ଓ କଟକ ଭ୍ରାମ୍ୟମାଣ ଦଳ ତରଫରୁ ଗୁରୁଡିଝାଟିଆ ଓ ସ୍ଥାନୀୟ ଥାନା ଅନ୍ତର୍ଗତ ବଡଭଗୁଆ,ସାନଭଗୁଆ ଆଦିବାସୀ ଗ୍ରାମରେ ଚଢ଼ାଉ କରାଯାଇ ୭୨୫ଲିଟର ଦେଶୀମଦ ଜବତ କରାଯାଇଛି। ଏଥିସହ ୮୬୧୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯାଉଛି। ମଦ ତିଆରି ପାଇଁ ୧୦ରୁ ଊର୍ଦ୍ଧ୍ୱ ଭାଟିକୁ ଭାଙ୍ଗି ଦିଆଯାଇଛି। କୌଣସି ଅଭିଯୁକ୍ତ ଧରାପଡି ନ ଥିବା ଜଣାପଡ଼ିଛି। ଆଠଗଡ଼ ଅବକାରୀ ନିରୀକ୍ଷକ ପ୍ରଭାସ କୁମାର ଚୌଧୁରୀ ଓ କଟକ ଭ୍ରାମ୍ୟମାଣ ଅବକାରୀ ଦଳ ନିରୀକ୍ଷକ ସଞ୍ଜିତ ବାର୍ଲାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଏଥିରେ ବିଜୟ କୁମାର ଭଞ୍ଜ ଓ ଦେବାନନ୍ଦ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ।

# ‘୧୫ ଦିନରେ ରାସ୍ତା ମରାମତି ଶେଷ କର’

କଟକ ଅଫିସ, ୨୧।୫



ବୈଠକରେ ମେୟର, ଡେପୁଟି ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

**୬ ବିଭାଗକୁ ନେଇ ସମୀକ୍ଷା ବୈଠକ**

- ବିପିଏଲ୍‌ଧାରୀଙ୍କୁ ମାଗଣାରେ ପାଇପ୍ ସଂଯୋଗ ଦିଆଯିବ
- ପଙ୍କୋଦ୍ଧାର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଚୌଧୁରୀବଜାରସ୍ଥିତ ବିଜୁ ଭବନ ସିଏମ୍‌ସି ସମ୍ମିଳନୀ କକ୍ଷରେ ଏନ୍‌ଏଚ୍‌ଏଆଇ, ଜାଇକା, ୱାଟ୍‌କୋ, ବିଦ୍ୟୁତ୍, ସିଏମ୍‌ସି ଏବଂ ବିଏସ୍‌ଏନ୍‌ଏଲ୍ ଆଦି ୬ଟି ବିଭାଗକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ଅଧ୍ୟକ୍ଷତା କରିଥିଲେ। ସହରର ବିଭିନ୍ନ ଅଞ୍ଚଳରେ ଖୋଳାଯାଇଥିବା ରାସ୍ତାଗୁଡ଼ିକ ମରାମତି କରାଯାଉ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜାତୀୟ ରାଜପଥ ପାର୍ଶ୍ୱ ରାସ୍ତା ଏବଂ ପ୍ରମୁଖ ସ୍ଥାନଗୁଡିକରେ ବର୍ଷାଦିନେ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏନ୍‌ଏଚ୍‌ଏଆଇ ଦ୍ୱାରା ପରିଚାଳିତ ଖାନ୍‌ନଗର ଡ୍ରେନ୍ ଓ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ରାସ୍ତା, ଶିଖରପୁରଠାରେ ଡ୍ରେନ୍ ସଫେଇ ଓ ମରାମତି, ଜଗତ୍‌ପୁର ଗୋଲେଇ ଛକଠାରେ ବର୍ଷାଜଳ ନିଷ୍କାସନ କାର୍ଯ୍ୟ ମୌସୁମୀ ପୂର୍ବରୁ ସାରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଜାଇକା ପକ୍ଷରୁ ମୁଖ୍ୟ ଡ୍ରେନ୍‌ରୁ ୬୦ ପ୍ରତିଶତ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇଛି। ସିଏମ୍‌ସି ପକ୍ଷରୁ ୪୦ ପ୍ରତିଶତ ପଙ୍କୋଦ୍ଧାର କରାଯାଇଛି। ଜାଇକା ଓ ସିଏମ୍‌ସି ଅବଶିଷ୍ଟ କାର୍ଯ୍ୟକୁ ଆସନ୍ତା ଜୁନ୍ ୧୦ ତାରିଖ ପୂର୍ବରୁ ସାରିବା ପାଇଁ ମେୟର ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଦ୍ୱାରା ସହରର ପ୍ରମୁଖ ରାସ୍ତାଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ବିଶେଷକରି ମଧୁପାଟଣାରୁ ବାଦାମବାଡ଼ି, ରାଣୀହାଟରୁ ବକ୍ସିବଜାର, ବକ୍ସିବଜାରରୁ ହାଇକୋର୍ଟ ଏବଂ ରିଂ ରୋଡ୍ ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ମେୟର ପଚାରିଥିଲେ। ତୁରନ୍ତ ୧୫ ଦିନ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ଶେଷ କରିବାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପାଣି ପାଇପ୍ ବିଛାଯିବା ପାଇଁ ୱାଟ୍‌କୋ ପକ୍ଷରୁ ରାସ୍ତା ଖୋଳାଯାଉଛି। ହେଲେ ପାଇପ ବିଛାଯିବା ପରେ ମରାମତି କରାଯାଉନାହିଁ। ଏଣୁ ପାଇପ ବିଛାଯିବା ପରେ ତୁରନ୍ତ ମରାମତି କରିବାକୁ ୱାଟ୍‌କୋର ଅଧିକାରୀଙ୍କୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଘରୁ ବର୍ଜ୍ୟଜଳ ନିଷ୍କାସନ ପାଇଁ ଜାଇକା ପକ୍ଷରୁ ପାଇପ୍ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏଥିଯୋଗୁ ପାଇପ୍ ସଂଯୋଗ ନେବା ପାଇଁ ଲୋକମାନେ ଅମଙ୍ଗ ହେଉଛନ୍ତି। ଜାଇକା ପ୍ରାୟ ୫୦ ହଜାର ସଂଯୋଗୀକରଣ ଦେବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ମାତ୍ର ୧୭ ହଜାର ସଂଯୋଗୀକରଣ ଦେବାରେ ସଫଳ ହୋଇଛି। ଆଗାମୀ ଦିନରେ ଯେଭଳି ଅଧିକ ସଂଯୋଗୀକରଣ କରାଯାଇପାରିବ ସେଥିନିମନ୍ତେ ଜାଇକା ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ପାଇଁ ବୈଠକରେ କୁହାଯାଇଛି। ଏଣିକି ସମସ୍ତ ବିପିଏଲ୍ ପରିବାରକୁ ମାଗଣାରେ ସଂଯୋଗୀକରଣ ଦିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡେପୁଟି ମେୟର ଦମୟନ୍ତୀ ମାଝି, ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ସିଟି ଇଞ୍ଜିନିୟର ସୁବାରାଓ ପାତ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଜିଠୁ ଚନ୍ଦନଯାତ୍ରା



ଡିଗିରିଆ,୨୧।୫ (ଡି.ଏନ୍.ଏ.): ଡିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମରେ ରବିବାରଠାରୁ ୩ ଦିନ ଧରି ଚନ୍ଦନଯାତ୍ରା ଅନୁଷ୍ଠିତ ହେବ। ଏନେଇ ୧୮ ପୂଜା ମଣ୍ଡପରେ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇଛି। ଚନ୍ଦନ ପୂର୍ଣ୍ଣମାଠାରୁ ମଦନମୋହନ ଚାପ ଖେଳୁଛନ୍ତି। ବିଜେସ୍ଥଳୀରୁ ନଦୀୟା ସଂକୀର୍ତ୍ତନ ଗହଣରେ ପ୍ରଭୁ ଆସି ଚନ୍ଦନ ପୋଖରୀରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ପରିକ୍ରମା କରୁଛନ୍ତି। ରବିବାରଠାରୁ ମଦନମୋହନ ୮୦୦ରୁ ଊର୍ଦ୍ଧ୍ୱ ବହୁରୂପୀଙ୍କ ଗହଣରେ ନଗର ପରିକ୍ରମା କରିବେ। ଏନେଇ ଶନିବାର ସନ୍ଧ୍ୟାରୁ ଗ୍ରାମର ସାହିଗଳିଗୁଡ଼ିକୁ ଆଲୋକମାଳା, ତୋରଣରେ ସୁସଜ୍ଜିତ କରାଯାଇଛି।

### ଡ୍ରିମ୍‌ସ ଅଧ୍ୟକ୍ଷ ପ୍ରମୋଦ ରଥଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ, ୨୧।୫: ଗ୍ରାମାଞ୍ଚଳରେ ବୈଷୟିକ ଓ ଡାକ୍ତରୀ ଶିକ୍ଷାର ବିକାଶ ଲାଗି ଥିଓଫାନି ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପାଇଛନ୍ତି ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ। ଏହି ଅବସରରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରଥଙ୍କୁ ଜଗତ୍‌ପୁରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ ସାକ୍ଷାତ୍ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ଡ୍ରିମ୍‌ସ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ମନୋଜ କୁମାର ଦାସ, ଆଇନଜୀବୀ ବିଧୁଭୂଷଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ୧୩ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଚୌଦ୍ୱାର,୨୧।୫(ଡି.ଏନ୍.ଏ): ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ମୁକ୍ତା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ନିମନ୍ତେ ଶନିବାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୌରପାଳିକାର ୧୯ ୱାର୍ଡରେ ନିର୍ମାଣ ହେବାକୁ ଥିବା ୧୦୦ଟି ପ୍ରକଳ୍ପ ପାଇଁ ପ୍ରଥମ ଦିନରେ ୧୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିରେ ଅତିଥି ଭାବେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା, ପୌର ଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାଣି, ମୁକ୍ତା ସେଲ୍‌ର ପ୍ରକଳ୍ପ ନିର୍ଦ୍ଦେଶିକା ଦେବିକା ମହାନ୍ତି, ସଞ୍ଜୟ କୁମାର ସାମଲ, ସିଟି ମିଶନ ମ୍ୟାନେଜର ସ୍ମିକ୍ତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ସାମଲ, ଅଜୟ ବେହେରା, ଆଶୁତୋଷ ଦାସ, ରଙ୍ଗଲତା ସାହୁ, ସବିତା କାହାଳି, ରଞ୍ଜୁଲତା ଦାସ, ଲିଲିବାଲା ସାହୁ, ସୁଜାତା ସାହୁ, ବିନୋଦିନୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପିତ୍ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ୩୧ନଂ. ୱାର୍ଡରେ ଜାଗା ସମ୍ପର୍କ କାର୍ଯ୍ୟକ୍ରମ

କଟକ ଅଫିସ, ୨୧।୫

କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୩୧ ନମ୍ବର ୱାର୍ଡର ରାଣୀହାଟ ଶଗଡ଼ିଆ ସାହି ହନୁମାନ ମନ୍ଦିର ପରିସରରେ ଜାଗା ସମ୍ପର୍କ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ବସ୍ତିବାସିନ୍ଦାଙ୍କ ନିମନ୍ତେ ଜାରି କରାଯାଇଥିବା ସମସ୍ତ ଜନମଙ୍ଗଳକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ବସ୍ତିଗୁଡ଼ିକର ସମସ୍ୟା କିପରି ସମାଧାନ କରାଯାଇପାରିବ ସେ ସମ୍ପର୍କରେ ୱାର୍ଡର କର୍ପୋରେଟର ପଦ୍ମିନୀ ସାହୁ କେତେକ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜାଗା ମିଶନର କଟକ ସିଟି ମ୍ୟାନେଜର ସୁବୋଧ ପାଇଟାଳ, ସିଏମ୍‌ସିର ସିଓ ରାଜଶ୍ରୀ ମହାନ୍ତି, ୱାର୍ଡ ଅଫିସର ଚିତ୍ତରଞ୍ଜନ ପରିଡା, ମହାବୀର ବସ୍ତିବାସିନ୍ଦା ସଂଘ ସଭାପତି ଧୀରେନ୍ଦ୍ର ନାଥ ନାୟକ, ୱାର୍ଡ ସଭାପତି କାର୍ତ୍ତିକେଶ୍ୱର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ଦୃଢ଼ତାର ସହ ଆତଙ୍କବାଦ, ହିଂସାକୁ ବିରୋଧ କରାଯିବ



ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ସୁନୀଲ ବଂଶଲ ଶପଥ ପାଠ କରାଉଛନ୍ତି।

କଟକ ଅଫିସ, ୨୧।୫

**ପୋଲିସ ମୁଖ୍ୟାଳୟରେ ଆତଙ୍କବାଦ ନିରୋଧୀ ଶପଥ ପାଠ**

ଦେଶର ଅହିଂସା ଓ ସହନଶୀଳତା ଉପରେ ଦୃଢ଼ ବିଶ୍ୱାସ ରଖି ସମସ୍ତ ଶକ୍ତି ସହିତ ଆତଙ୍କବାଦ ଓ ହିଂସାର ବିରୋଧ କରାଯିବ। ମାନବ ଜୀବନ ଓ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କ ସହ ସଂଗ୍ରାମ କରାଯିବ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏଭଳି ଶପଥ ନେଇଛନ୍ତି। ଆତଙ୍କବାଦ ନିରୋଧୀ ଦିବସ ଉପଲକ୍ଷେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆତଙ୍କବାଦ ନିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ସୁନୀଲ ବଂଶଲ ଯୋଗଦେଇ ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ହେଡ୍‌କ୍ୱାର୍ଟର) ଏସ୍. ଦେବଦତ୍ତ ସିଂ, ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପଙ୍କଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂଜା ସାମଗ୍ରୀ ଦୋକାନରେ ଅଗ୍ନିକାଣ୍ଡ

**ଦମ୍‌କଳ ଗାଡ଼ି ଅଟକାଇବାକୁ ଉତ୍ୟକ୍ତ ଲୋକଙ୍କ ଉଦ୍ୟମ**

ଖୁଣ୍ଟୁଣୀ,୨୧।୫(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଦୁର୍ଗାବଜାର ପେଟ୍ରୋଲ ପମ୍ପ ସମ୍ମୁଖ ଏକ ପୂଜାସାମଗ୍ରୀ ଦୋକାନରେ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୩ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଖୁଣ୍ଟୁଣୀ ଗ୍ରାମ ଝଟିଆ ସାହିର ପଙ୍କଜ ଜେନା ଖାଇବା ପାଇଁ ଅପରାହ୍ନ ୨ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ୩ଟାରେ ଦୋକାନ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ପେଟ୍ରୋଲ ପମ୍ପ କର୍ମଚାରୀ ଓ ଅନ୍ୟ ଦୋକାନୀମାନେ ଦେଖିବାକୁ ପାଇଥିଲେ। ଏହି ସମୟରେ ସ୍ଥାନୀୟ ଜଣେ ଖବରଦାତା ଆଠଗଡ଼ ଦମକଳ ବାହିନୀକୁ ଖବର ଦେଇଥିଲେ। ଦୋକାନ ଶଟର ଖୋଲିଯିବାରୁ ନିଆଁ ଜଳିବାକୁ ଲାଗିଲା। ନିକଟରେ ପେଟ୍ରୋଲ ପମ୍ପ ଥିବାରୁ ନିଆଁ ବ୍ୟାପିଯିବା ଆଶଙ୍କାରେ ଖବରଦାତା ଆରତୀ ଷ୍ଟିଲ କାରଖାନାକୁ ଫୋନ୍ କରିଥିଲେ। କାରଖାନା ଜେନେରାଲ ମ୍ୟାନେଜର ସରୋଜ ଜେନା ତୁରନ୍ତ ଦମକଳ ପଠାଇବାରେ ଏକ ବଡ଼ଧରଣର ଅଗ୍ନିକାଣ୍ଡକୁ ଏଡାଇ ଦିଆଯାଇପାରିଥିଲା। ପରେ ଆଠଗଡ଼ରୁ ଦମକଳ ଗାଡ଼ି ପହଞ୍ଚିବା ବେଳକୁ ନିଆଁକୁ ଆୟତ୍ତ କରାଯାଇସାରିଥିଲା। ଉତ୍ୟକ୍ତ ଲୋକେ ଓ ଜନପ୍ରତିନିଧି ଏହି ଦମକଳକୁ ଅଟକାଇବାକୁ ଉଦ୍ୟମ କରୁଥିବାବେଳେ ଖବରଦାତା ସେମାନଙ୍କୁ ସେଥିରୁ ନିବୃତ୍ତ କରାଇଥିଲେ। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ପଙ୍କଜ ଏହି ଦୋକାନ ଉପରେ ନିର୍ଭର କରି ପରିବାର ଚଳାଉଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ହାତୀ ବଂଶର ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ

ଖୁଣ୍ଟୁଣୀ,୨୧।୫(ଡି.ଏନ୍.ଏ.)

ହାତୀ ହେଉଛି ସମଗ୍ର ବିଶ୍ୱରେ ଏକ ନିରୀହ ଐତିହ୍ୟ ପ୍ରାଣୀ। ହାତୀ ବଂଶର ସୁରକ୍ଷା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। ହେଲେ ଏହାକୁ ଭୁଲିଯାଇ ହାତୀ ଓ ମଣିଷ ମଧ୍ୟରେ ଯେଉଁ ସଂଘର୍ଷ ହେଉଛି ଏହା ଏବେ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି। କଠୋର ନ ହୋଇ ଉତ୍ତମ ବ୍ୟବହାର ଦେଖାଇ ପାରିଲେ ହାତୀ-ମଣିଷ ମଧ୍ୟରେ ଚାଲିଥିବା ଲଢ଼େଇ ରୋକା ଯାଇପାରିବ ବୋଲି ‘ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ’ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଟ୍ରଷ୍ଟ ପକ୍ଷରୁ ଖୁଣ୍ଟୁଣୀ ବନାଞ୍ଚଳର ବ୍ରାହ୍ମଣବସ୍ତଠାରେ ହାତୀ ସାଥୀ ବାହିନୀଙ୍କ ପାଇଁ କ୍ଷେତ୍ର ପରିଦର୍ଶନ ଏବଂ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ପ୍ରତିଷ୍ଠାତା ଡ. ଦେବବ୍ରତ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅନୁଗୋଳର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଜୟା ନନ୍ଦ, ମୁଖ୍ୟବକ୍ତା ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ପୂର୍ବତନ ମୁଖ୍ୟ ଅନୁପ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଫାଉଣ୍ଡେଶନର ଟ୍ରଷ୍ଟି ଜିତଶତ୍ରୁ ମହାନ୍ତି, ପ୍ରକାଶ ଜେନା, ଲୋକାୟୁକ୍ତଙ୍କ ଡେପୁଟି ଡାଇରେକ୍ଟର(ଅନୁସନ୍ଧାନ) ସସ୍ମିତା ଲେଙ୍କା ଓ ଆଠଗଡ଼ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇଥିଲେ। ରାଜ୍ୟରେ ଖୁଣ୍ଟୁଣୀ ବନାଞ୍ଚଳ ହାତୀ-ମଣିଷ ଲଢ଼େଇର ସ୍ମୃତି ସ୍ତମ୍ଭ ପାଲଟିଛି। ଏଭଳିସ୍ଥିତିରେ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବନାଞ୍ଚଳରେ ହାତୀସାଥୀ ଟିମ୍ ଗଠନ କରାଯାଇ ଗ୍ରାମବାସୀ ଓ ସ୍ଥାନୀୟ ବନ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରାଯାଉଛି। ଏହାଦ୍ୱାରା ହାତୀ ଓ ମଣିଷ ମଧ୍ୟରେ ଲଢ଼େଇ ରୋକିବାରେ କିଛିମାତ୍ରାରେ ସଫଳ ହୋଇପାରିଛି ବୋଲି ଓରଦା ବନସଂରକ୍ଷଣ ସମିତି ସଭାପତି ପ୍ରତାପ ଚନ୍ଦ୍ର ସାମଲ କହିଥିଲେ। ହାତୀ ସାଥୀ ଅଭୟ ସାମଲ, ମାଗୁଣି ଚରଣ ରାଉତ, ଅଶୋକ ଖଟୁଆ, ଶ୍ରୀକାର ଜେନା, ପ୍ରେମାନନ୍ଦ ବେଉରା ପ୍ରମୁଖ ସେମାନଙ୍କ ଅନୁଭୂତ ସମ୍ପର୍କରେ କହିଥିଲେ। ଏହି ଅବସରରେ ଆଠଗଡ଼ ବିକାଶ ମଞ୍ଚ ପକ୍ଷରୁ ସଭାପତି ମାନସ ରଞ୍ଜନ ବସ୍ତିଆ ଉପସ୍ଥିତ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଠଗଡ଼ ବନଖଣ୍ଡ ହାତୀ ସାଥୀ ବାହିନୀର ସଂଯୋଜକ ଶ୍ୱେତକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରପାଲ ସିଂ ମାଥୁର, ନିଧିପୁର ଏବଂ ଓରଦା ସେକ୍ସନ ଫରେଷ୍ଟରଙ୍କ ସମେତ ବନବିଭାଗ କର୍ମଚାରୀ ଓ ଏଲିଫ୍ୟାଣ୍ଟ ସ୍କ୍ୱାଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୨ ବର୍ଷ ପରେ ହଜିଲା ପୁଅକୁ ଫେରିପାଇଲେ

ଖୁଣ୍ଟୁଣୀ,୨୧।୫(ଡି.ଏନ୍.ଏ.)



**ଖୁସିରେ ମା’ବାପା ବିଭୋର**

୧୨ ବର୍ଷ ପରେ ହଜିଲା ପୁଅକୁ ପାଇ ଖୁସିରେ ବିଭୋର ହୋଇଛନ୍ତି ମା’ବାପା। ସେମାନଙ୍କ ଆଖିରୁ ଝରିପଡିଥିଲା ଖୁସିର ଲୁହ। ଶନିବାର ସକାଳ ସାଢେ ୭ଟାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ଖୁଣ୍ଟୁଣୀ ବଜାରରେ। ଢେଙ୍କାନାଳ ଜିଲା ରାସୋଳ ଥାନା ଅଁଳାବେଢ଼ା ଗ୍ରାମର ମୋହନ ସାହୁ ୨୦୧୦ରେ ଘର ଛାଡ଼ି କାମ କରିବାକୁ କଲିକତା ଯାଇଥିଲେ। ପରବର୍ତ୍ତୀ ସମୟରେ ମୋହନଙ୍କ ସନ୍ଧାନ ମିଳି ନ ଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଖୁଣ୍ଟୁଣୀ ନିକଟ ଡାଲୁଆ ଗ୍ରାମରେ ରହୁଥିବା ଅଁଳାବେଢ଼ା ଗ୍ରାମର ଜଣେ ମହିଳା ୨ ଦିନ ତଳେ ତାଙ୍କ ଘରକୁ ଯାଉଥିବାବେଳେ ମୋହନଙ୍କୁ ଖୁଣ୍ଟୁଣୀରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ତାଙ୍କ ବାପାଙ୍କୁ ଜଣାଇଥିଲେ। ମୋହନଙ୍କ ବାପା ଜଗବନ୍ଧୁ ସାହୁ, ମାଆ ଦ୍ରୌପଦୀ ଓ ସମ୍ପର୍କୀୟଙ୍କ ସହିତ ଶନିବାର ସକାଳେ ଖୁଣ୍ଟୁଣୀ ବଜାରରେ ପହଞ୍ଚି ଖୋଜାଖୋଜି କରିଥିଲେ। ଏପରିକି ସେଠାକାର ଦୋକାନୀଙ୍କୁ ମୋହନଙ୍କ ବିଷୟରେ ପଚାରିଥିଲେ। ଫଳରେ କେତେଜଣ ଦୋକାନୀ ସେମାନଙ୍କୁ ନେଇ ମୋହନଙ୍କ ପାଖରେ ପହଞ୍ଚାଇଥିଲେ। ପୁଅକୁ ପାଇ ମାଆବାପାଙ୍କ ସମେତ ସମ୍ପର୍କୀୟମାନେ ଖୁସିରେ ଆତ୍ମହରା ହୋଇପଡିଥିଲେ। ଖୁଣ୍ଟୁଣୀସ୍ଥିତ ଏକ ପୋଖରୀରେ ମୋହନଙ୍କୁ ଗାଧୋଇ ଦିଆଯାଇ ନୂଆ ପ୍ୟାଣ୍ଟସାର୍ଟ ପିନ୍ଧାଇ ଦିଆଯାଇଥିଲା। ପରେ ମାଆବାପା ତାଙ୍କୁ ବସ୍‌ରେ ବସାଇ ଘରକୁ ନେଇଯାଇଥିଲେ। ସେ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗିଥିବା ମାଆ ଦ୍ରୌପଦୀ କହିଛନ୍ତି। ମୋହନ ମାନସିକ ସ୍ତରରେ ଦୁର୍ବଳ ହୋଇ ପ୍ରାୟ ୩ ବର୍ଷ ହେବ ଖୁଣ୍ଟୁଣୀ ବଜାରରେ ବୁଲୁଥିଲେ। ଯିଏ ଯାହା ଖାଇବାକୁ ଦେଉଥିଲେ ସେ ତାହା ଖାଉଥିଲେ। ଏବେ ମୋହନଙ୍କ ୧୨ ବର୍ଷର ପୁଅ ଅଛି। ମୋହନ ଘରଛାଡି ଯିବା ଦିନ ପୁଅର ଏକୋଇଶିଆ ହୋଇଥିଲା। ତାଙ୍କ ସ୍ତ୍ରୀ ଏବେ ବାପଘରେ ରହୁଛନ୍ତି।



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାରେ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଯୁବତୀଯୁବକମାନେ ଚିତ୍ର ଆଙ୍କୁଛନ୍ତି।

## ମୁଖ୍ୟ ଫାଟକ ରାତି ୯ଟା ଯାଏ ଖୋଲାଯାଉ



କଟକ ଜିଲା ବିଜୁ ଛାତ୍ର ଜନତା ଦଳର ପ୍ରତିନିଧିମାନେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

କଟକ ଅଫିସ, ୨୧।୫

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାବିପତ୍ର**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ବିଜୁ ଛାତ୍ର ଜନତା ଦଳ, କଟକ ଜିଲା ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିକଟରେ ଦାବି କରାଯାଇଛି। କୁଳପତିଙ୍କ ସହ ଆଲୋଚନା କରାଯିବା ପରେ ଦଳ ପକ୍ଷରୁ ରେଜିଷ୍ଟ୍ରାରଙ୍କୁ ଏକ ଦାବିପତ୍ର ଶନିବାର ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ସନ୍ଧ୍ୟା ୬ଟା ପରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକକୁ ବନ୍ଦ କରିଦିଆଯାଉଛି। ଫଳରେ ଛାତ୍ରୀଛାତ୍ରମାନେ ୪ ନମ୍ବର ଗେଟ୍ ମାଲ୍‌ଗୋଦାମ ବାଟ ଦେଇ ଯିବାକୁ ବାଧ୍ୟ ହେଉଛନ୍ତି। ଉକ୍ତ ଅଞ୍ଚଳରେ ମଦ ଦୋକାନ ଥିବା ଯୋଗୁ ଅସାମାଜିକ ଲୋକମାନେ ଆଡ୍ଡା ଜମାଉଛନ୍ତି। ଏହା ଦ୍ୱାରା ଛାତ୍ରୀମାନେ ସନ୍ଧ୍ୟା ସମୟରେ ଉକ୍ତ ରାସ୍ତାରେ ଯିବାକୁ ଅସୁରକ୍ଷିତ ମନେକରୁଛନ୍ତି। ଏଥିସହ ୪ ନମ୍ବର ଗେଟ୍‌ପଟେ ଭାରିଯାନ ଯାତାୟାତ କରୁଥିବାରୁ ଦୁର୍ଘଟଣାର ସମ୍ଭାବନା ରହିଛି। ରେଭେନ୍‌ଶା ହଷ୍ଟେଲ୍‌ଗୁଡ଼ିକରେ ୱାଇଫାଇ ବ୍ୟବସ୍ଥା ଗତ ୪ ବର୍ଷ ହେବ ନାହିଁ। ଏଣୁ ବିଶ୍ୱବିଦ୍ୟାଳୟ ସମ୍ମୁଖ ମୁଖ୍ୟ ଫାଟକ ୧ ଓ ୨ରୁ ଗୋଟିଏ ଗେଟ୍ ରାତି ୯ଟା ଯାଏ ଖୋଲା ରଖାଯାଉ। ହଷ୍ଟେଲ୍‌ଗୁଡ଼ିକରେ ୱାଇଫାଇ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ବିଜୁ ଛାତ୍ର ଜନତା ଦଳ କଟକ ଜିଲା ସଭାପତିଆସିଫ ଅମିନଙ୍କ ନେତୃତ୍ୱରେ କମଲଜ୍ୟୋତି ନାୟକ, ଅବିନାଶ ମହାନ୍ତି, ସଞ୍ଜୟ ପଟ୍ଟନାୟକ ଓ ପରମିତ କୁମାର ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ମାମଲା ରୁଜୁକରି ଚୁପ୍ ବସିଛି ପୋଲିସ

ବାଙ୍କୀ,୨୧।୫(ସ୍ୱ.ପ୍ର.)

**ନାବାଳିକା ଅପହରଣ ଘଟଣାକୁ ଏକ ମାସ ବିତିଲା**

- ନାବାଳିକାଙ୍କୁ ଘରୁ ଉଠାଇନେଇଥିଲେ
- ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ
- ଭୟରେ ଦିନ କାଟୁଛନ୍ତି ପରିବାର ଲୋକେ

ବାଙ୍କୀ ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମରେ ଗତମାସ ୧୪ ତାରିଖ ରାତିରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏନେଇ ନାବାଳିକାଙ୍କ ମା’ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୨୧/୨୨) ରୁଜୁ କରିଥିଲା। ଇତିମଧ୍ୟରେ ଘଟଣାକୁ ଏକ ମାସ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏଥିସହ ନାବାଳିକାଙ୍କୁ ମଧ୍ୟ ଉଦ୍ଧାର କରିପାରିନାହିଁ।

ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ମାମଲା ରୁଜୁ କରି ଚୁପ୍ ବସିଥିବାବେଳେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଦିନ ଗଡ଼ି ଚାଲିଥିବାବେଳେ ନାବାଳିକଙ୍କୁ ନ ପାଇ ତାଙ୍କ ପରିବାର ଲୋକେ ଭୟରେ ଦିନ କାଟୁଛନ୍ତି। ତୁରନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ଘଟଣା ଦିନ ରାତିରେ ବାଉଁଶପୁଟ ଗ୍ରାମର ରାମଚନ୍ଦ୍ର ଦଳେଇ, ସୁକାନ୍ତ ଦଳେଇ, ପ୍ରଶାନ୍ତ ଦଳେଇ, ପିତା ଶିଖର ଦଳେଇ ପ୍ରମୁଖ ସମ୍ପୃକ୍ତ ନାବାଳିକାଙ୍କ କବାଟ ବାଡେଇଥିଲେ। ନାବାଳିକାଙ୍କ ମା’ କବାଟ ଖୋଲିଲା ପରେ ସୁକାନ୍ତ ଓ ପ୍ରଶାନ୍ତ ହାତରେ ଠେଙ୍ଗା ଓ କଟୁରି ଧରି କବାଟ ସମ୍ମୁଖରେ ଜଗି ବସିଥିଲେ । ରାମଚନ୍ଦ୍ର ଘରେ ପଶି ନାବାଳିକାଙ୍କୁ ଘୋଷାରି ଆଣି ନିଜ ମୋଟର ସାଇକେଲରେ ବସାଇ ନେଇ ପଳାଇଲେ । ଏ ସଂକ୍ରାନ୍ତରେ ନାବାଳିକାଙ୍କ ମାଆ ତା’ପରଦିନ ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ତଦନ୍ତ କରିଥିଲେ ମଧ୍ୟ ନାବାଳିକାଙ୍କୁ ଉଦ୍ଧାର କରିପାରିନାହିଁ। ମୁଖ୍ୟ ଅଭିଯୁକ୍ତ ଫେରାର ଥିଲା ବେଳେ ଏହି ଅପହରଣ ଘଟଣାରେ ରାମଚନ୍ଦ୍ରଙ୍କୁ ସହଯୋଗ କରିଥିବା ବ୍ୟକ୍ତିମାନେ ଗାଁରେ ବୁଲୁଛନ୍ତି। ହେଲେ ପୋଲିସ ସେମାନଙ୍କୁ ଗିରଫ କରୁନାହିଁ ବୋଲି ନାବାଳିକାଙ୍କ ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସୁଚିତ୍ରା ଜୟସିଂହ କହିଛନ୍ତି, ତଦନ୍ତ ଚାଲୁ ରହିଛି । ଖୁବ୍‌ଶୀଘ୍ର ନାବାଳିକାଙ୍କୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି, ନାବାଳିକାଙ୍କୁ ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ।